READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ବର୍ଷ-୩ ସଂଖ୍ୟା-୨୩ ୨୪ - ୩୦ ଜୁନ୍, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-23 24th - 30th JUNE, 2019 BHUBANESWAR ₹ 5/- (8 Pages)

### ରାଷ୍ଟ୍ରପତିଙ୍କ ଅଭିଭାଷଣରେ ମହାନଦୀ

# ପ୍ରଦୂଷଣମୁକ୍ତ ହେବ

**ନୂଆଦିଲ୍ଲୀ:** ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବା ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ଅଭିଭାଷଣରେ ମହାନଦୀ ସଫେଇ ପ୍ରସଙ୍ଗ ଉଠାଇ ସମସ୍ତଙ୍କୁ ଚକିତ କରିଛନ୍ତି। 'ନମାମୀ ଗଙ୍ଗା' ଯୋଜନା କରାଯିବ। ଏହି ଯୋଜନାରେ ମହାନଦୀକୁ ସାମିଲ କରାଯାଇଥିବା ନେଇ ରାଷ୍ଟ୍ରପତି ସୂଚନା ଦେଇଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ନମାମୀ ଗଙ୍ଗା ଯୋଜନାରେ ଗଙ୍ଗା ନଦୀକୁ ଆବର୍ଜନା ମୁକ୍ତ କରିବାରେ ଅନେକ ସଫଳତା ହାସଲ କରିଛନ୍ତି।

## ଏକ ରାଷ୍ଟ୍ର, ଏକ ନିର୍ବାଚନ

ଭଳି ମହାନଦୀକୁ ସଫା ଓ ପ୍ରଦୂଷଣମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ ରାଷ୍ଟ୍ରପତି। କେବଳ ମହାନଦୀ ନୁହଁ ଦେଶର ସମସ୍ତ ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ନିଜ ଅଭିଭାଷଣରେ କହିଥିଲେ। ସରକାର କର୍ଭି, ପେରିଆର, ଗୋଦାବରୀ ଓ ନର୍ମଦା ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରୟାସ ଆରମ୍ଭ ଏନେଇ କେନ୍ଦ୍ର ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ୨ହଜାର କୋଟି ଟଙ୍କା ଅର୍ଥ ବ୍ୟବସ୍ଥା କରାଯାଇଥିଲା। ନମାମୀ ଗଙ୍ଗେଳ ଯୋଜନା ଭଳି ଦେଶର ଅନ୍ୟ ନଦୀ ଗୁଡିକୁ ପ୍ରଦୂଷଣ ମୁକ୍ତ କରାଯିବା ସହ ସଫା କରିବା ପାଇଁ ସରକାର ପଦକ୍ଷେପ ନେବେ।

ଦେଶରେ ଏକ ସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ପରିକଳ୍ପନାକୁ



ରାଷ୍ଟ୍ରପତି ଦୃଢ଼ ସମର୍ଥନ ଜଣାଇ କହିଛନ୍ତି ଯେ, ଏକକ ନିର୍ବାଚନ ହେଲେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ଏବଂ ଲୋକେ ଏହାଦ୍ୱାରା ଉପକୃତ ହେବେ। ସୂଚନାଥାଉ କି, ଗତ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ସମ୍ପର୍କରେ ବିରୋଧୀ ଦଳର ମୁଖ୍ୟମାନଙ୍କ ସହ ଆଲୋଚନା କରିଥିଲେ। ➤ ପୃ-୬

# ଅମର, ସସ୍ମିତ, ଅଶ୍ୱିନୀ ଯିବେ ରାଜ୍ୟସଭା

## ବିଜେପି ପ୍ରାର୍ଥୀଙ୍କୁ ବିଜେଡିର ସମର୍ଥନ



**ଭୁବନେଶ୍ୱର:** ଓଡ଼ିଶାର ତିନି ରାଜ୍ୟସଭା ଆସନରେ ହେବାକୁ ଥିବା ଉପ-ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର ଏବଂ ଭାରତୀୟ ଜନତା ପାର୍ଟି ପକ୍ଷରୁ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରାର୍ଥୀ କରାଯାଇଛି। ବିଜେପି ପ୍ରାର୍ଥୀ ଶ୍ରୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରିବ ବୋଲି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟସଭା ପାଇଁ ବିଜେଡିରୁ ତିନି ଜଣ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଥିଲେ। ଅମର, ସସ୍ମିତ ଓ ଅଶ୍ୱିନୀ ବିଜେଡିର ପ୍ରାର୍ଥୀ ହେବେ ବୋଲି ସେ କହିଥିଲେ। କିନ୍ତୁ ଏହାର ଅଧ ଘଣ୍ଟା ପୂର୍ବରୁ ବିଜେପି ପକ୍ଷରୁ ଶ୍ରୀ ବୈଷ୍ଣବଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଛି ବୋଲି ଟ୍ୱିଟ୍ ଯୋଗେ ସୂଚନା ଦିଆଯାଇଥିଲା। ଫଳରେ ଗଣମାଧ୍ୟମରେ ଏହି ଚର୍ଚ୍ଚା ଜୋରଦାର ହେବା ପରେ ମୁଖ୍ୟମନ୍ତ୍ରୀ ପୁନର୍ବାର ଗଣମାଧ୍ୟମ ସାମ୍ନାକୁ ଆସି ସ୍ପଷ୍ଟୀକରଣ ଦେଇ କହିଥିଲେ ଅଶ୍ୱିନୀ ବିଜେପିର ପ୍ରାର୍ଥୀ ଏବଂ ବିଜେଡି ତାଙ୍କୁ ସମର୍ଥନ କରିବ। ଅଶ୍ୱିନୀଙ୍କୁ ସମର୍ଥନ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହ ତାଙ୍କୁ ଫୋନ ଯୋଗେ ଅନୁରୋଧ କରିଥିବା କଥା ବିଜେଡି ସୁପ୍ରିମୋ କହିଥିଲେ। ଏହି ଘୋଷଣା ପରେ ରାଜ୍ୟସଭା ପ୍ରାର୍ଥୀଙ୍କୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ଛକାପଞ୍ଝାର ଅବସାନ ଘଟିଛି। ଗତ ସାଧାରଣ ନିର୍ବାଚନରେ ଦଳକୁ ମିଳିଥିବା ସଫଳତା ପଛରେ ହାତ ଥିବା ତଥା ଦଳ ପ୍ରତି ଆନୁଗତ୍ୟ ରଖିଥିବା ଦୁଇ ବିଜେଡି ନେତା ଅମର ଓ ସସ୍ମିତଙ୍କୁ ରାଜ୍ୟସଭା ରେସରେ ସାମିଲ କରି ଦଳ ସେମାନଙ୍କୁ ପୁରସ୍କୃତ କରିଛି। ସାଧାରଣ ନିର୍ବାଚନରେ ଦଳକୁ କେମିତି ➤ ପୃ-୬

# ଏକକ ନିର୍ବାଚନ ପ୍ରସ୍ତାବ: ନବୀନଙ୍କ ସମ୍ମତି



**ଭୁବନେଶ୍ୱର :** 'ଏକ ଦେଶ ଏକ ନିର୍ବାଚନ' ଅର୍ଥାତ ସାରା ଦେଶରେ ଏକା ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ପାଇଁ ସବୁ ରାଜନୈତିକ ଦଳଙ୍କ ସମର୍ଥନ ଲୋଡ଼ିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏକକ ନିର୍ବାଚନକୁ ନେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି। ବୈଠକରେ ଯୋଗଦେଇ ନବୀନ କହିଛନ୍ତି ଯେ ଦେଶ ବିକାଶ ପଥରେ ଗତିଶୀଳ ହେବା ପାଇଁ 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବକୁ ବିଜେଡିର ପୂର୍ଣ୍ଣ ସହମତି ରହିଛି। କାରଣ ବିଭିନ୍ନ ସମୟରେ ନିର୍ବାଚନ ଦେଶର ବିକାଶରେ ବାଧା ସୃଷ୍ଟି କରୁଛି। ତେଣୁ ଏକକ ନିର୍ବାଚନ ହେବା ଅତ୍ୟନ୍ତ ଜରୁରୀ ବୋଲି ନବୀନ କହିଛନ୍ତି। ଏହାସହ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରାଯାଉ ବୋଲି ନବୀନ ସର୍ବଦଳୀୟ ବୈଠକରେ ଯୁକ୍ତି ବାଢ଼ିଛନ୍ତି। ➤ ପୃ-୬

# 'ପାକିସ୍ତାନ ହତାଶ'



**ଇସଲାମାବାଦ:** ଅର୍ଥନୀତି ଠାରୁ କ୍ରିକେଟ୍ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆଜି ପାକିସ୍ତାନ ହତାଶ ହୋଇଛି ବୋଲି କହିଛନ୍ତି ପାକ୍ ପ୍ରଧାନ ବିଚାରପତି ଜଷ୍ଟିସ୍ ଆସିଫ୍ ସଇଦ୍ ଖୋସା। ଜଷ୍ଟିସ୍ ଖୋସା ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଥିଲେ ପାକିସ୍ତାନର ଜାତୀୟ ଅର୍ଥନୀତି ଏବେ ଆଇସିୟୁରେ। ସୂଚନାଥାଉ କି, ପାକିସ୍ତାନ ଏବେ ଦେବାଳିଆ ଅବସ୍ଥାରେ ଗତି କରୁଛି। ଇମ୍ରାନ୍ ଖାନ୍ ପ୍ରଧାନମନ୍ତ୍ରୀ ହେବାପରେ ଆର୍ଥିକ ସହାୟତା ପାଇଁ ବିଭିନ୍ନ ଦେଶ ବୁଲୁଥିବା ନଜରକୁ ଆସିଛି। କେବଳ ସେତିକି ନୁହେଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ୍ ଓ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ୍‌ରୁ ବିପୁଳ ପରିମାଣର ଋଣ ଆଣିବାକୁ ➤ ପୃ-୬

### ମନ୍ତ୍ରିପରିଷଦ ବୈଠକରେ ବଜେଟ୍ ଚିଠା ପ୍ରସ୍ତାବକୁ ମଞ୍ଜୁରୀ

# ଆକାର ୧.୩୬ଲକ୍ଷ କୋଟି

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକରେ ଚଳିତ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଚିଠା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସୂଚନା ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୩୬ ହଜାର କୋଟି ଟଙ୍କାର ବଜେଟ ଆଗତ କରାଯିବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୮ରେ ବିଧାନସଭାର ମୈସୁମୀ ଅଧିବେଶନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ପୂର୍ବରୁ ପଞ୍ଚଦଶ ବିଧାନସଭାର ଶେଷ ଅଧିବେଶନରେ



ତତ୍କାଳୀନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୩୨ ହଜାର ୬୬୦ କୋଟି ଟଙ୍କାର ଲେଖାନୁଦାନ ଆଗତ କରିଥିଲେ। ମନ୍ତ୍ରିପରିଷଦ ବୈଠକରେ ୨୦୧୯-୨୦ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବଜେଟରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ସହରାଞ୍ଚଳ ଓ ଗୃହ ନିର୍ମାଣ, ଫାନି ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେଇ ଆସୁଥିବା ମହିଳା ଓ ଚାଷୀଙ୍କୁ ବଜେଟରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି। ତେବେ ଚିଠା ବଜେଟ ସମ୍ପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷ ପାଇଁ ମଞ୍ଜୁର ହୋଇଥିବା ବଜେଟରେ ➤ ପୃ-୬

SHREE KRISHNA INTERNATIONAL SCHOOL
(A Day Cum Residential Senior Secondary School)
Affiliated to CBSE, New Delhi
ADMISSION OPEN FOR
STD- XI (SCIENCE) FOR SESSION 2019-20
FEW SEATS AVAILABLE
Integrated Coaching for
Engineering & Medical by Experienced Faculties
For Admission Details Contact:
8260022022 / 9439541078
96, Malipada, Near IIIT, Bhubaneswar - 751003
Email: skise.odisha@gmail.com, www.skisbbsr.org

## କେମିତି କଟିବ ଏ ସପ୍ତାହ

**ମେଷ** ଆଧାତ୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବାର ସମ୍ଭାବନା।

**ବୃଷ** ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ମିଥୁନ** ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଶାରୀରିକ ପୀଡା ଅନୁଭବ କରିବେ। ବନ୍ଧୁଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ପଦୋନ୍ନତି ହେବାର ସମ୍ଭାବନା।

**କର୍କଟ** ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ହାସଲ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ସିଂହ** କୋର୍ଟକଚେରୀ ବିବାଦ ଲାଗି ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟା ବିଗିଡି ଯିବ। ଧନ ପ୍ରାପ୍ତିର ପ୍ରବଳ ସୁଯୋଗ ରହିଛି।

**କନ୍ୟା** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳତା ହାସଲ କରିବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ କିଛି ମାତ୍ରାରେ ଲାଭବାନ୍ ହେବେ।

**ତୁଳା** କଳାକାରମାନେ ଅସୁବିଧାରେ ପଡିବେ। ପଡି ରହିଥିବା ବିବାଦର ସମାଧାନ ହେବ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବ। ନୂତନ କର୍ମରେ ଯୋଗଦେବେ।

**ବିଛା** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ରାଜନୀତିରେ ଆଧିପତ୍ୟ ରହିବ।

**ଧନୁ** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ।

**ମକର** ବ୍ୟବସାୟରେ ଅଚାନକ କିଛି ପରିବର୍ତ୍ତନ ହୋଇପାରେ। ପାରିବାରିକ ଶାନ୍ତି ଅନୁଭବ କରିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**କୁମ୍ଭ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ନୂଆ ଗାଡି କିଣିବା ପାଇଁ ମନ କରିବେ। ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗିରହିବ।

**ମୀନ** ଜମିଜମା ବିବାଦ ଲାଗି ରହିବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଗୃହରେ ଶାନ୍ତି ବଜାୟ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଲୋକସଭାରେ ପୁଣି ଟ୍ରିପଲ୍ ତଲାକ୍ ବିଲ୍

**ନୂଆଦିଲ୍ଲୀ :** ପୂର୍ବ ଏନ୍‌ଡିଏ ସରକାର ସମୟରେ ରାଜ୍ୟସଭାରେ ପାରିତ ହୋଇପାରିନଥିବା ଟ୍ରିପଲ୍ ତଲାକ୍ ବିଲ୍ ନୂଆ ରୂପରେ ଲୋକସଭାରେ ଆଗତ ହୋଇଛି। କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ବିରୋଧୀଙ୍କ ହୋ-ହଲ୍ଲା ମଧ୍ୟରେ ଆଜି ଲୋକସଭାରେ ଏହାକୁ ଆଗତ କରିଥିଲେ। ତେବେ ବିରୋଧୀ ଦଳ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯିବା ସହ ଏପରି ବିଲ୍ ଆଗତ କରିବା ସମ୍ବିଧାନ ବିରୋଧୀ ବୋଲି କୁହାଯାଇଥିଲା। ବିଲ୍ ଆଗତ କରିବା ସପକ୍ଷରେ ଓ ବିପକ୍ଷରେ କେତେଜଣ ଅଛନ୍ତି, ଏହା ଜାଣିବା ପାଇଁ ବାଚସ୍ପତି ଓମ୍ ବିର୍ଲା ଭୋଟିଂ ବ୍ୟବସ୍ଥା ଆପଣାଇଥିଲେ। ଏହି ସମୟରେ ବିଲ୍ ସପକ୍ଷରେ ୧୮୬ଜଣ ସାଂସଦ ଭୋଟିଂ କରିଥିବା ବେଳେ ବିପକ୍ଷରେ ୭୪ଜଣ ଯାଇଥିଲେ। ଓଡ଼ିଶାର କ୍ଷମତାସୀନ ବିଜେଡି ଭୋଟଦାନ ପ୍ରକ୍ରିୟାରୁ ବିରତ ରହିଥିଲା। ଲୋକସଭାରେ ଦଳର ୧୨ଜଣ ସାଂସଦ ଅଛନ୍ତି। ବିଜେଡି ଭୋଟଦାନରୁ ବିରତ ରହିଥିବା ନେଇ ସଂସଦୀୟ ଦଳର ମୁଖ୍ୟ ପିନାକୀ ମିଶ୍ର ସୂଚନା ଦେଇଛନ୍ତି। ମୁସଲିମ୍ ମହିଳା (ବିହାର ଅଧିକାର ସୁରକ୍ଷା) ବିଲ୍ ୨୦୧୯ ମୋଦି ସରକାରଙ୍କ ଲୋକସଭାରେ ପ୍ରଥମ ବିଲ୍ ଭାବେ ଆଗତ ହୋଇଛି। ଲିଙ୍ଗଗତ ସମାନତା ଓ ନ୍ୟାୟ ପ୍ରଦାନ ପାଇଁ ଏଭଳି ବିଲ୍‌ର ଆବଶ୍ୟକତା ରହିଛି ବୋଲି ରବିଶଙ୍କର ପ୍ରସାଦ କହିଛନ୍ତି। ଏଭଳି ବିଲ୍ ଧର୍ମ ଆଧାରରେ ନୁହେଁ, ବରଂ ନ୍ୟାୟ ଆଧାରରେ ପ୍ରସ୍ତୁତ ହୋଇଛି। ଦେଶରେ ୫୪୩ଟି ଟ୍ରିପଲ୍ ତଲାକ୍ ଘଟଣାରେ ମୁସଲିମ୍ ମହିଳାମାନେ କେମିତି ନିର୍ଯାତିତ ହେଉଛନ୍ତି, ତା'ର ଉଦାହରଣ ରହିଛି। ସୁପ୍ରିମ୍‌କୋର୍ଟଙ୍କ ଟ୍ରିପଲ୍ ତଲାକ ପ୍ରଥାକୁ ବ୍ୟାନ୍ କରିବା ପରେ ମଧ୍ୟ ୨୦୦ଟି ଘଟଣା ଘଟିଛି। ଏହା ମହିଳାଙ୍କ ସମ୍ମାନର କଥା। ଆମେ ମହିଳାମାନଙ୍କ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରସାଦ କହିଛନ୍ତି। ଏହାପରେ ବାଚସ୍ପତି ଓମ୍ ବିର୍ଲା ବିଲ୍ ଆଗତ କରିବାକୁ କହିଥିଲେ। କିନ୍ତୁ ଏହାକୁ ବିରୋଧୀ ଦଳ ଗୁଡିକ ବିରୋଧ


ସପକ୍ଷରେ ୧୮୬ ଭୋଟ

କରିଥିଲେ। ହୋ-ହଲ୍ଲା ହେବାରୁ ବାଚସ୍ପତି ବିରୋଧୀଙ୍କୁ ସେମାନଙ୍କ ମତ ରଖିବାକୁ କହିଥିଲେ। କଂଗ୍ରେସ ନେତା ଶଶୀ ଥରୁର କହିଛନ୍ତି ଯେ, ଏହା ଘରୋଇ ମାମଲା ଏଥିରେ ଜେଲଦଣ୍ଡ କିପରି ରହିପାରିବ? ଏଆଇଏମଏଆଇଏମ୍‌ର ସାଂସଦ ଅସାଉଦ୍ଦିନ ଓ୍ୱଅସୀ କହିଥିଲେ ଯେ, ବିଜେପି ମୁସଲିମ୍ ମହିଳାଙ୍କୁ ନ୍ୟାୟ ଦେବା କଥା କହୁଛି। ହେଲେ ସେମାନେ ହିନ୍ଦୁ ମହିଳାଙ୍କ ଅଧିକାର ଛଡାଇ ନେଉଛନ୍ତି। କେରଳର ସାବରୀମାଲା ମନ୍ଦିରରେ ମହିଳାଙ୍କୁ ବିଜେପି ବିରୋଧ କରୁଛି। କଂଗ୍ରେସ ଓ ଆରଏସ୍‌ପି ମଧ୍ୟ ଏହି ବିଲ୍‌କୁ ବିରୋଧ କରିଥିଲେ। ଇସ୍‌ଲାମ ଧର୍ମରେ ଇନଷ୍ଟାଣ୍ଟ ବା ତତ୍କାଳ ଟ୍ରିପଲ ତଲାକ ବ୍ୟବସ୍ଥା ରହିଛି। ଏହାଦ୍ୱାରା ଜଣେ ମୁସଲିମ୍ ପୁରୁଷ ତିନିଥର ତଲାକ ଉଚ୍ଚାରଣ କରିଦେଲେ, ତାଙ୍କର ବିବାହ ବିଚ୍ଛେଦ ହେଉଯାଉଥିଲା। ଏହି ନାରୀ ବିରୋଧୀ ପ୍ରଥାକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଫେବୃଆରୀ ମାସରେ ଅଧ୍ୟାଦେଶ ଆଣିଥିଲେ। ଏହି ବିଲ୍ ପାରିତ ହେଲେ ତତ୍କାଳ ତିନି ଥର ତଲାକ କହି ଛାଡପତ୍ର ଦେଉଥିବା ମୁସଲିମ୍ ପୁରୁଷଙ୍କୁ ୩ ବର୍ଷ ଜେଲଦଣ୍ଡ ଦିଆଯାଇ ପାରିବ। ଗତ ସପ୍ତାହରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭେଡକର କହିଥିଲେ ଯେ, ଏହି ବିଲ୍ ସରକାରଙ୍କ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ଲକ୍ଷ୍ୟରେ ଏକ ଅଂଶ। ବିଧେୟକ ପାରିତ ହୋଇନଥିବାରୁ ସରକାର କେବଳ ଅଧ୍ୟାଦେଶ ବଳରେ ତତ୍କାଳ ଟ୍ରିପଲ ତଲାକକୁ ବେଆଇନ ଘୋଷିତ କରି ନିର୍ଦ୍ଦେଶ ଦେଇଥିଲେ। ନୂଆ ବିଲ୍ ଏହି ଅଧ୍ୟାଦେଶର ନକଲ। ୧୭ତମ ଲୋକସଭାରେ ପ୍ରଥମ ଅଧିବେଶନରେ ଏହି ବିଲ୍ ସମେତ ୧୦ଟି ଅଧ୍ୟାଦେଶକୁ ଆଇନରେ ପରିଣତ କରିବାର ଯୋଜନା କରିଛନ୍ତି।

## ଉତ୍ତରକୋରିଆ ସପକ୍ଷରେ ରୁଷିଆ ଓ ଚୀନ୍‌ର ଭିଟୋ

**ମିଳିତ ଜାତିସଂଘ :** ଉତ୍ତରକୋରିଆ ବିରୋଧରେ ମିଳିତ ଜାତିସଂଘ ନିରାପତ୍ତା ପରିଷଦ କମିଟିର କଠୋର କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ କରିଛନ୍ତି ରୁଷିଆ ଓ ଚୀନ୍। ଉତ୍ତରକୋରିଆ ଅର୍ଥନୀତିକୁ ବଳିଷ୍ଠ କରିବାର ଏକମାତ୍ର ବାଟ ପେଟ୍ରୋଲିୟମ ସାମଗ୍ରୀ ହୋଇଥିବାରୁ ତା' ଉପରେ ମିଳିତ ଜାତିସଂଘ କଟକଣା ଜାରି ନ କରିବା ପାଇଁ ରୁଷିଆ ଓ ଚୀନ୍ କୂଟନୀତିଜ୍ଞମାନେ ନିରାପତ୍ତା ପରିଷଦ ବୈଠକରେ ଯୁକ୍ତି କରିଛନ୍ତି। କେବଳ ସେତିକି ନୁହେଁ, ଦୁଇଦେଶ ନିରାପତ୍ତା ପରିଷଦର ସ୍ଥାୟୀସଭ୍ୟ ଥିବାରୁ ଉତ୍ତରକୋରିଆ ପ୍ରତି କଟକଣା ପ୍ରୟୋଗ ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରିଛନ୍ତି। ଉତ୍ତରକୋରିଆ ବର୍ଷକୁ ୫ ଲକ୍ଷ ବ୍ୟାରେଲ୍ ବିଶୋଧିତ ପେଟ୍ରୋଲିୟମ ସାମଗ୍ରୀ ଆମଦାନୀ କରି ମିଳିତ ଜାତିସଂଘ କଟକଣା ଉଲ୍ଲଙ୍ଘନ କରୁଛି ବୋଲି ଯୁକ୍ତରାଷ୍ଟ୍ର ଆମେରିକା ସମେତ ୨୫ଟି ଦେଶ କଡ଼ା ଆପତ୍ତି କରିଥିଲେ। ପ୍ୟୋଙ୍ଗୟାଙ୍ଗ ବିଶୋଧିତ ପେଟ୍ରୋଲିୟମ ସାମଗ୍ରୀ ଆମଦାନୀ ହାର କମାଇବା ଉପରେ ଆମେରିକା ଚେତାବନୀ ଦେଇଥିଲା। ଟ୍ରମ୍ପ ପ୍ରଶାସନ ମତରେ ସମୁଦ୍ର ପଥରେ ବିଶୋଧିତ ପେଟ୍ରୋଲିୟମ ସାମଗ୍ରୀ ଧରି ଆସୁଥିବା ଜାହାଜରୁ ଉତ୍ତରକୋରିଆ ଜାହାଜକୁ ସ୍ଥାନାନ୍ତର କରି ଦିଆଯାଉଛି। ନିରାପତ୍ତା ପରିଷଦ କୂଟନୀତିଜ୍ଞ ଅଭିଯୋଗ କରିଛନ୍ତି, ୨୦୧୮ରେ ଉତ୍ତରକୋରିଆ ୩.୫ ନିୟୁତ ବ୍ୟାରେଲ୍ ବିଶୋଧିତ ପେଟ୍ରୋଲିୟମ୍ ଆମଦାନୀ କରିଛି ଯାହା ନିର୍ଦ୍ଧାରିତ ଅନୁମତିଠାରୁ ପ୍ରାୟ ୭ ଗୁଣ ଅଧିକ। ଚଳିତବର୍ଷ ଉତ୍ତରକୋରିଆ ନିର୍ଦ୍ଧାରିତ ପରିମାଣଠାରୁ ଯଥେଷ୍ଟ ଅଧିକ ପେଟ୍ରୋଲିୟମ ସାମଗ୍ରୀ ଆମଦାନୀ କରିସାରିଲାଣି। ବର୍ଷକୁ ୫ ଲକ୍ଷ ବିଶୋଧିତ ପେଟ୍ରୋଲିୟମ ଆମଦାନୀ କରୁଥିବା ଉତ୍ତରକୋରିଆ ଉପରେ ପରମାଣୁମୁକ୍ତ ଦେଶ ଗଠନ କରିବାକୁ ଚାପ ପକାଇବା ଅସମ୍ଭବ। ଗତ ଜୁଲାଇରେ ମଧ୍ୟ ରୁଷିଆ ଓ ଚୀନ୍ ମିଳିତ ଜାତିସଂଘର ଉତ୍ତରକୋରିଆ ବିରୋଧୀ କାର୍ଯ୍ୟାନୁଷ୍ଠାନ ଉପରେ ଭିଟୋ ପ୍ରୟୋଗ କରିଥିଲେ। ଅସଲ କଥା ହେଉଛି, ଉତ୍ତରକୋରିଆକୁ ବିଶୋଧିତ ପେଟ୍ରୋଲିୟମ ରପ୍ତାନି କରୁଥିବା ଦେଶ ଭିତରେ ରୁଷିଆ ଓ ଚୀନ୍ ପ୍ରଧାନ।

## ଜାତୀୟ ମୁନାଫା ନିରୋଧୀ ପ୍ରାଧିକରଣର କାର୍ଯ୍ୟକାଳ ୨ ବର୍ଷ ବଢ଼ିଲା

**ନୂଆଦିଲ୍ଲୀ:** ବସ୍ତୁ ଓ ସେବା କର (ଜିଏସଟି) ପରିଷଦର ୩୫ତମ ବୈଠକ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ନୂତନ ସରକାର ଶପଥ ଗ୍ରହଣ କରିବା ପରେ ଏହା ହେଉଛି ପରିଷଦର ପ୍ରଥମ ବୈଠକ। ଏହି ବୈଠକରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର, ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ଏବଂ ଅର୍ଥ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ପେସାଦାର ଢଙ୍ଗରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ପରିଷଦ ପକ୍ଷରୁ ଏକ ସର୍ବସମ୍ମତ ସଂକଳ୍ପ ପାରିତ କରାଯାଇ ଜିଏସଟି ପରିଷଦର ପୂର୍ବତନ ଅଧ୍ୟକ୍ଷ ଅରୁଣ ଜେଟଲୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରାଯାଇଥିଲା ଏବଂ ଜିଏସଟି ପରିଷଦକୁ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ପ୍ରତିଷ୍ଠିତ କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ପ୍ରତି କୃତଜ୍ଞତା ବ୍ୟକ୍ତ କରାଯାଇଥିଲା। ପରିଷଦ ପକ୍ଷରୁ ବିଦାୟୀ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରାଯିବା ସହିତ ନୂଆ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ଉତରାଖଣ୍ଡର ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରକାଶ ପନ୍ତଙ୍କ ଅକାଳ ବିୟୋଗରେ ପରିଷଦ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଥିଲା। ପରିଷଦର ବୈଠକ ସମୟରେ ୧୨ଟି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏଗୁଡ଼ିକ ମଧ୍ୟରୁ କେତେକ ନିୟମିତ ଥିଲା, ଯଥା ୩୪ତମ ଜିଏସଟି ପରିଷଦ ବୈଠକର ସାରାଂଶ ଅନୁମୋଦନ କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ୧୨ ମାର୍ଚ୍ଚ, ୨୦୧୯ ଏବଂ ୧୧ ଜୁନ ୨୦୧୯ ମଧ୍ୟରେ ଜାରି ହୋଇଥିବା ବିଜ୍ଞପ୍ତି, ସୂଚନାପତ୍ର ଏବଂ ନିର୍ଦ୍ଦେଶନାମାକୁ ପରିଷଦ ଦ୍ୱାରା ସଂଶୋଧନ କରିବା, ଜିଏସଟି କାର୍ଯ୍ୟାନ୍ୱୟନ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତି ଉପରେ ଆଲୋକପାତ କରିବା ଆଦି। ବସ୍ତୁ ଓ ସେବା ଟିକସ ଆବେଦନ ଟ୍ରିବ୍ୟୁନାଲ ବେଂଚ ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ରାଜ୍ୟରେ କ୍ଷେତ୍ର ଏବଂ ଅଂଚଳ ନିର୍ଦ୍ଧାରଣ କରିବା ଲାଗି ପରିଷଦ ନିଷ୍ପତି ନେଇଥିଲା। ସିକ୍କିମ, ନାଗାଲାଣ୍ଡ, ମଣିପୁର ଏବଂ ଅରୁଣାଚଳ ପ୍ରଦେଶ ପାଇଁ ଗୋଟିଏ ରାଜ୍ୟ ବେଂଚ ସ୍ଥାପନ ଲାଗି ନିଷ୍ପତି ନିଆଯାଇଥିଲା। ଦୁଇ ବର୍ଷ ପାଇଁ ଜାତୀୟ ମୁନାଫାଖୋର ନିରୋଧୀ ପ୍ରାଧିକରଣର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ବିଟୁବି କାରବାର ଲାଗି ପର୍ଯ୍ୟାୟକ୍ରମେ ଇଲେକଟ୍ରୋନିକ ଇନଭଏସ ବ୍ୟବସ୍ଥା କରିବା ପାଇଁ ମଧ୍ୟ ପରିଷଦ ନିଷ୍ପତି ନେଇଥିଲା। ଇ-ଇନଭଏସିଂ ଏକ ଦ୍ରୁତ ପ୍ରଗତିଶୀଳ ପ୍ରଯୁକ୍ତି ଯାହା ଟିକସଦାତାମାନଙ୍କୁ ଟିକସ ଉପଯୁକ୍ତ ପ୍ରକ୍ରିୟାର ବ୍ୟାକଓ୍ୱାର୍ଡ ଇଂଟିଗ୍ରେସନ ଏବଂ ସ୍ୱୟଂକ୍ରିୟତାରେ ସହାୟକ ହୋଇପାରିବ। ଏହାମଧ୍ୟ ଟିକସ କର୍ତ୍ତୃପକ୍ଷଙ୍କୁ ଟିକସ ଫାଙ୍କି ମାମଲାର ନିରାକରଣରେ ସହାୟକ ହେବ। ପ୍ରଥମ ପର୍ଯ୍ୟାୟ ସ୍ୱେଚ୍ଛାକୃତ ହେବ ଏବଂ ଏହା ଜାନୁଆରୀ ୨୦୨୦ ଠାରୁ ଲାଗୁ ହେବ।

## 'ତାଲିବାନ୍‌କୁ ଅଣଦେଖା କରି ଆଫ୍‌ଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ'

**ବେଜିଂ :** ଆଫଗାନ୍‌ବାସୀଙ୍କୁ ସୁଖଶାନ୍ତି ଓ ସୁରକ୍ଷିତ ଜୀବନ ପ୍ରଦାନ କରିବାକୁ ହେଲେ, ଆଫଗାନ୍ ସରକାରରେ ତାଲିବାନକୁ ଗୁରୁଦାୟିତ୍ୱ ଉଚିତ୍ ବୋଲି ଚୀନ୍ ମତବ୍ୟକ୍ତ କରିଛି। ଆଫଗାନିସ୍ତାନର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅବ୍ୟବସ୍ଥା ପ୍ରତି ଗୁରୁତ୍ୱାରୋପ କରି ଚୀନ୍ କହିଛି, ତାଲିବାନ୍‌କୁ ଅଣଦେଖା କରି ଆଫ୍‌ଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ। ଆଫଗାନିସ୍ତାନର ଆତଙ୍କିତ ବାତାବରଣରେ ଏକାଧାରରେ ଶାନ୍ତି ଓ ବିକାଶ ପ୍ରକ୍ରିୟା ଚାଲୁ କରିବାକୁ ହେଲେ, ତାଲିବାନ୍‌କୁ ଶାସନର ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେବ। ତାଲିବାନ୍ ନେତାମାନଙ୍କୁ ଶାସନ ପରିଚାଳନାର ସୁଯୋଗ ମିଳିବା ଉଚିତ୍। ତାଲିବାନ୍ ସଂଗଠନର ରାଜନୈତିକ ବ୍ୟାପାର ଦାୟିତ୍ୱରେ ଥିବା ପ୍ରମୁଖ ନେତା ମୁଲ୍ଲା ଅବଦୁଲ୍ ଘନି ବାରାଦରଙ୍କୁ ଆଫଗାନ୍ ରାଜନୀତିରେ ସାମିଲ କରିବାକୁ ଚୀନ୍ ପରାମର୍ଶ ଦେଇଛି। ଗୁରୁବାର ଚୀନ୍‌ର ବିଦେଶ ବ୍ୟାପାର ମୁଖପାତ୍ର ଲୁ କାଙ୍ଗ କହିଛନ୍ତି ଯେ ଚୀନ୍ ଅଧିକାରୀମାନେ ତାଲିବାନ୍ ନେତା ବାରାଦରଙ୍କୁ ଭେଟି ଆଫଗାନିସ୍ତାନ ଶାନ୍ତି ପ୍ରକ୍ରିୟାରେ ସକ୍ରିୟ ଭୂମିକା ତୁଲାଇବାକୁ ଅନୁରୋଧ କରିଛନ୍ତି। କାତାରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ତାଲିବାନ୍ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହେବା ପୂର୍ବରୁ ଚୀନ୍ ଅଧିକାରୀମାନେ ବାରାଦରଙ୍କୁ ମସ୍କୋରେ ଭେଟିଥିଲେ। ଆଫଗାନ୍ ସରକାର ଓ ତାଲିବାନ୍ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ବିତରଣ ହୋଇଗଲେ, ଆଫଗାନିସ୍ତାନ ମାଟିରେ ରକ୍ତପାତ ବନ୍ଦ ହେବ ବୋଲି ଚୀନ୍ ବିଚାର କରୁଛି। ବିଶେଷ କରି ଆଫଗାନିସ୍ତାନରୁ ଆମେରିକା ସେନା ସମ୍ପୂର୍ଣ୍ଣ ହଟିଯିବା ପରେ ସେଠାକାର କ୍ଷମତାରେ ବିରାଟ ଫାଙ୍କ ସୃଷ୍ଟି ହେବାର ଆଶଙ୍କା କରୁଛି ଚୀନ୍। ଆମେରିକା ଅନୁପସ୍ଥିତିର ସୁଯୋଗ ନେଇ ଆଫଗାନ୍ ସରକାରକୁ କରାୟତ୍ତ କରିବା ଉଦ୍ଦେଶ୍ୟରେ ଚୀନ୍ ତାଲିବାନ୍ ନେତାଙ୍କ ସହ ହାତ ମିଳାଇଛି ବୋଲି ପୂର୍ବାନୁମାନ କରିଛନ୍ତି ବହୁ କୂଟନୀତିଜ୍ଞ। ଅପରପକ୍ଷେ ଆମେରିକା ସେନା ପ୍ରତ୍ୟାହାର ପ୍ରକ୍ରିୟା ଜାରି ରହିଥିବା ଦେଖି ଇଷ୍ଟ ତୁର୍କୀସ୍ତାନ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ (ଇଟିମ୍) ଆତଙ୍କୀମାନେ ଜିଞ୍ଜିଆଙ୍ଗ ପ୍ରଦେଶରେ ଆତଙ୍କୀ କାର୍ଯ୍ୟକଳାପ ଆରମ୍ଭ କରିଦେଲେଣି। ଆଫଗାନ୍ ରାଷ୍ଟ୍ରପତି ଆସ୍ରଫ ଘନି ଓ ତାଲିବାନ୍ ନେତାଙ୍କ ମଧ୍ୟରେ ଏକପ୍ରକାର ତାଳି ପକାଇ ଆପଣା ଫାଇଦା ଉଠାଇବା ଚକ୍କରରେ ଚୀନ୍ ବିଦେଶ ପ୍ରବକ୍ତା ଲୁ କହିଛନ୍ତି, ଆଫଗାନ୍ ନେତାମାନେ ଆପଣା ଭିତରେ ଆଲୋଚନା କରି ବିବାଦର ଅବସାନ କରିବା ଉଚିତ୍। ତାଲିବାନ ନେତା ବାରାଦରଙ୍କ ସହ ଉତ୍ତମ ସମ୍ପର୍କ ରଖିଥିବାରୁ ରାଷ୍ଟ୍ରପତି ଘନି ଓ ତାଲିବାନ୍ ମଧ୍ୟରେ ରାଜନୈତିକ ବୁଝାମଣା କରି ଆଫଗାନିସ୍ତାନ ରାଜନୀତିରେ ବିରାଟ ପରିବର୍ତ୍ତନ ଆଣିପାରିବ ବୋଲି ଚୀନ୍ ଭାବୁଛି। ଯୁକ୍ତରାଷ୍ଟ୍ର ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ର ଆଫଗାନିସ୍ତାନ ମାଟିରୁ ଆତଙ୍କବାଦ ଲୋପ କରିବା ଅଭିଯାନରେ ଫେଲ୍ ମାରିଲା। ଏବେ ଚୀନ୍‌ର କୂଟନୈତିକ ଚାଲ କେତେଦୂର ସଫଳ ହେବ, ଆଗାମୀ ଦିନରେ ଦେଖିବାକୁ ମିଳିବ। ଅବଶ୍ୟ ଅତୀତର ମତଭେଦକୁ ଭୁଲି ଆଫଗାନ୍ ସରକାର ଓ ତାଲିବାନ୍ ନେତାଙ୍କ ମଧ୍ୟରେ ପର୍ଯ୍ୟାୟଭିତ୍ତିକ ଆଲୋଚନା ଚାଲିଛି। ମିଳିତ ଜାତିସଂଘର ନ୍ୟୁୟର୍କ ମୁଖ୍ୟାଳୟରେ ଆଫ୍‌ଗାନିସ୍ତାନ ମାମଲାରେ ଚୀନ୍‌ର କୂଟନୀତିକ ଚାଲ୍ ପ୍ରତିଫଳିତ ହୋଇଛି।

## ଆତଙ୍କୀ ହମ୍‌ଲା ରୋକିବ କ୍ଷୁଦ୍ର ସେନ୍ସର୍

**ନୂଆଦିଲ୍ଲୀ :** ହୋଟେଲ, ମଲ୍, ରେଷ୍ଟୁରାଣ୍ଟ, ପାର୍କ, ଷ୍ଟାଡିୟମ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ୍, ମନ୍ଦିର, ମସ୍‌ଜିଦ ପ୍ରଭୃତି ସ୍ଥାନଗୁଡ଼ିକରେ ଆତଙ୍କୀ ହମ୍‌ଲା ରୋକିବା କାର୍ଯ୍ୟ ଏବେ ସହଜ ହେବାକୁ ଯାଉଛି। ବୈଜ୍ଞାନିକମାନେ ଡିଏନ୍‌ଟି, ଟିଏନ୍‌ଟି ଓ ଟିଏନ୍‌ପି ଭଳି ବିସ୍ଫୋରକ ଖୋଜିବା ପାଇଁ ଛୋଟ ଓ ହାଲୁକା ସେନ୍ସର ତିଆରି କରିଛନ୍ତି। ଡିଏନ୍‌ଟି, ଟିଏନ୍‌ଟି ଓ ଟିଏନ୍‌ପି ରାସାୟନିକ ଦ୍ରବ୍ୟଗୁଡ଼ିକ ଅତ୍ୟନ୍ତ ବିଷାକ୍ତ। ପରିବେଶକୁ ପ୍ରଦୂଷିତ କରିବା ପାଇଁ ଉକ୍ତ ବିଷାକ୍ତ ପଦାର୍ଥଗୁଡ଼ିକ ଯଥେଷ୍ଟ। ବୈଜ୍ଞାନିକମାନେ ତିଆରି କରିଥିବା ହାଲୁକା ସେନ୍ସର୍ ସୁସ୍ଥ ପରିବେଶ ଉପରେ କଡ଼ା ନଜର ରଖିବା ସହ ପ୍ରାଣୀଜଗତକୁ ବିପଦରେ ପକାଉଥିବା କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିପାରିବ ବୋଲି ଜର୍ଣ୍ଣାଲ ସାଇଣ୍ଟିଫିକ୍ ରିପୋର୍ଟରେ ପ୍ରକାଶ ପାଇଛି। ଉକ୍ତ ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ରୁରକିସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ବଡ଼ ଧରଣର ଆତଙ୍କୀ ହମ୍‌ଲା ସମ୍ପର୍କରେ ଆଗୁଆ ସୂଚନା ଦେଲାଭଳି ହାଲୁକା ସେନ୍ସର ତିଆରି ଆରମ୍ଭ କରିଛି। ଟିମ୍‌ରେ କୋଲକାତାସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ (ଆଇଆଇଏସ୍‌ଇଆର୍) ବିନୟ ମାଇତି ଓ ପ୍ରିୟଦର୍ଶୀ ଦେ' ଅଛନ୍ତି। ଫ୍ଲୋରେସେନ୍ସ ସ୍ପେକ୍‌ଟ୍ରୋସ୍କୋପି ଆଧାରିତ ଟେକ୍‌ନିକ୍ ପ୍ରୟୋଗ କରି ସେନ୍ସର ବିକଶିତ ହୋଇଛି। ଏହି ସେନ୍ସର ସଂସ୍ପର୍ଶରେ ବିସ୍ଫୋରକ ଦ୍ରବ୍ୟ ଆସିବା ମାତ୍ରେ ପଲିମର ରଙ୍ଗ ବଦଳିଯିବ, ଯାହା ଖାଲି ଆଖିକୁ ସହଜରେ ଦେଖାଯିବ। ସେନ୍ସର ପଲିମର ଉଭୟ ତରଳ ଓ ଗ୍ୟାସ ଆକାରର ବିସ୍ଫୋରକ ସାମଗ୍ରୀ ଠାବ କରିବାକୁ ସକ୍ଷମ ହେବ ବୋଲି ରୁରକି ଆଇଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ସୌମିତ୍ର ଶତପଥୀ କହିଛନ୍ତି। ଶତପଥୀଙ୍କ ସୂଚନା ମୁତାବକ ବିକଶିତ ହାଲୁକା ସେନ୍ସର ଆତଙ୍କୀ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଦକ୍ଷ। ଏହି ସେନ୍ସର ଏତେ ଶକ୍ତିଶାଳୀ ଯେ ପାଣି ଭିତରେ ରହିଥିବା ବିସ୍ଫୋରକ ସମ୍ପର୍କରେ ଆଗୁଆ ସୂଚନା ଦେଇପାରିବ। ଗବେଷକମାନେ ସେନ୍ସରକୁ ତିଆରି କରିବା ପରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରି ସାରିଛନ୍ତି। ଏବେ ଟିମ୍ ନାଇଟ୍ରୋଗ୍ଲିସେରିନ୍, ନାଇଟ୍ରୋ-ଏମାଇନ୍ସ ଭଳି ବିସ୍ଫୋରକ ଠାବ କରିବା ନିମିତ୍ତ ହାଲୁକା ସେନ୍ସର୍ ତିଆରି କରିବାରେ ମନୋନିବେଶ କରିଛି।

# ୨୦୩୦ସୁଦ୍ଧା ଉତ୍କଟ ରୂପ ଧାରଣ କରିବ ଜଳ ସଙ୍କଟ

**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ସହରରେ ପାଣି ସମସ୍ୟା ଦେଖାଦେଇଛି। ଆଗାମୀ ୧୦ ବର୍ଷ ପରେ ଏହି ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରିବ। ନିକଟରେ ବସିଥିବା ନୀତି ଆୟୋଗର ବୈଠକରେ ଏ ସଂକ୍ରାନ୍ତ ଏକ ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିରେ ଦେଶର ପାଣି ସମସ୍ୟା ବାବଦରେ ଉଲ୍ଲେଖ କରାଯାଇଛି। ୨୦୨୦ରୁ ଏହି ପାଣି ସମସ୍ୟା ଦେଶର ବଡ ବଡ ସହରମାନଙ୍କରେ ଉତ୍କଟ ହେବ ଏବଂ ୨୦୩୦ ସୁଦ୍ଧା ସମ୍ପୃକ୍ତ ସହରମାନଙ୍କରେ ବର୍ତ୍ତମାନ ତୁଳନାରେ ୪୦ ପ୍ରତିଶତ କମ ପାଣି ଉପଲବ୍ଧ ହେବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଏହାଦ୍ୱାରା ୧୦ କୋଟି ଲୋକ ପ୍ରଭାବିତ ହେବେ ବୋଲି ଜଣାପଡିଛି। ଆଜି ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ସଂସଦର ମିଳିତ ଉଦ୍‌ବୋଧନରେ ପାଣି ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପୂର୍ବବର୍ଷ ଭଳି ଚଳିତଥର ମଧ୍ୟ ଚେନ୍ନାଇରେ ଉତ୍କଟ ପାଣି ସମସ୍ୟା ଦେଖାଦେଇଛି। ଆଗାମୀ ଦିନରେ ତାମିଲନାଡୁରେ ଥିବା ତିନୋଟି ନଦୀ, ଚାରୋଟି କେନାଲ, ଛଅଟି ଜଳ ଭଣ୍ଡାର ସମ୍ପୂର୍ଣ୍ଣ ଶୁଖିଯିବ। ସେହିପରି ହାଇଦ୍ରାବାଦ, ବେଙ୍ଗାଲୁରୁରେ ମଧ୍ୟ ସମାନ ସ୍ଥିତି ଉପୁଜିବ ବୋଲି ରିପୋର୍ଟ ଆଶଙ୍କା ପ୍ରକାଶ କରିଛି। ତିନିବର୍ଷ ପୂର୍ବେ ନୀତି ଆୟୋଗ ଜଳ ସଙ୍କଟ ସଂକ୍ରାନ୍ତ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା। ସେଥିରେ ଦେଶର ଅଧିକାଂଶ ରାଜ୍ୟରେ ଜଳ ସଂରକ୍ଷଣ ଦିଗରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କୁହାଯାଇଥିଲା। ଏହି ରାଜ୍ୟ ଗୁଡିକ ହେଲେ ଓଡ଼ିଶା, ଛତିଶଗଡ, ରାଜସ୍ଥାନ, ଗୋଆ, କେରଳ, ବିହାର, ଉତ୍ତରପ୍ରଦେଶ, ହରିୟାଣା, ଝାରଖଣ୍ଡ, ସିକ୍କିମ୍, ଆସାମ, ନାଗାଲାଣ୍ଡ, ଉତ୍ତରାଖଣ୍ଡ ଏବଂ ମେଘାଳୟ। ଏହାପରେ ନୀତି ଆୟୋଗର ଆଉଏକ



ରିପୋର୍ଟ ଆସିଥିବା, ଯେଉଁଥିରେ ତ୍ରିପୁରା, ହିମାଚଳ ପ୍ରଦେଶ ଭଳି ରାଜ୍ୟରେ ଅନୁରୂପ ଜଳ ସଙ୍କଟ ଦେଖାଦେବ ବୋଲି କୁହାଯାଇଥିଲା। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ବିଭିନ୍ନ ରାଜ୍ୟରେ ସ୍ୱାଭାବିକରୁ କମ୍ ପରିମାଣରେ ବର୍ଷା ହେଉଛି। ତେଣୁ ଭୂତଳ ଜଳ କମି କମି ଯାଉଛି। ଦେଶରେ ୪୫୦ଟି ନଦୀ ରହିଛି। ଏବେ ସମସ୍ତ ନଦୀକୁ ଯୋଡି ପାଣି ସଂରକ୍ଷଣ ଉପରେ ଗୁରୁତ୍ୱ ଦେବେ କେନ୍ଦ୍ର ସରକାର। ଏହାଦ୍ୱାରା କମ ବର୍ଷା ଯୋଗୁ ଶୁଖିଲା ରହୁଥିବା ଅନେକ ନଦୀରେ ପାଣି ରହି ପାରିବ ବୋଲି ସରକାର ଆଶା ପ୍ରକଟ କରିଛନ୍ତି। କାରଣ ବର୍ଷା ପରେ ଅନେକ ନଦୀରେ ପାଣି ବ୍ୟବହାର ନହୋଇ ସିଧା ସମୁଦ୍ରରେ ଯାଇ ମିଶିଥାଏ। ତେଣୁ ଏହି ପାଣି ସମୁଦ୍ରରେ ମିଶିବା ପୂର୍ବରୁ ଅନ୍ୟ ନଦୀ ଗୁଡିକୁ ପଠାଇବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ସୂଚନାଥାଉ କି, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଶର ସମସ୍ତ ନଦୀକୁ ଯୋଡିବା ପାଇଁ ପ୍ରଥମେ ୨୦୦୨ରେ ପ୍ରୟାସ ଆରମ୍ଭ କରିଥିଲେ। ଏହାଦ୍ୱାରା ନଦୀର ପାଣିକୁ ସଂରକ୍ଷଣ କରିହେବ ବୋଲି ଚିନ୍ତା କରାଯାଇଥିଲଶ। ଚଳିତ ସରକାର ମଧ୍ୟ ବାଜପେୟୀଙ୍କ ଏହି ଚିନ୍ତାଧାରାକୁ ଆଗେଇ ନେବାକୁ ଏକ ସ୍ୱତନ୍ତ୍ର ଜଳ ମନ୍ତ୍ରାଳୟ ଖୋଲାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ଆନନ୍ଦ ହିଁ ଜୀବନର ସର୍ବୋତ୍ତମ ଲକ୍ଷ୍ୟ: ରାଜ୍ୟପାଳ

**ଭୁବନେଶ୍ୱର:** ଆନନ୍ଦ ହିଁ ଜୀବନର ସର୍ବୋତମ ଲକ୍ଷ୍ୟ । ପ୍ରତ୍ୟେକ ମଣିଷ ଆନନ୍ଦର ସୃଷ୍ଟି: ସ୍ଥିତି ଓ ବିଲୟ ମଧ୍ୟ ଆନନ୍ଦରେ ହେବା ଶ୍ରେୟସ୍କର। ଏହି ଆନନ୍ଦ ଅନ୍ୟର ସେବାରୁ ହିଁ ମିଳିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ମାନବ ସେବାର କୌଣସି ବିକଳ୍ପ ନାହିଁ। ଏହି ସେବା ଆଧ୍ୟାତ୍ମିକ ଉତରଣର ପ୍ରକ୍ରିୟା ଓ ପାହାଚ। ବିନା ଆଶାରେ ସେବା କରିବା ଓ ଲୋକଙ୍କ ମୁହଁରେ ହସ ଫୁଟେଇବା ପାଇଁ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ଯେଭଳି କାଯର୍ୟ କରୁଛନ୍ତି, ତାକୁ ପ୍ରଶଂସା କରି ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଅଧ୍ୟକ୍ଷ ପ୍ରଫେସର ଲାଲ କହିଲେ ଯେ ମଣିଷ ମୁହଁରେ ହସ ହିଁ ଏକ ଶାଶ୍ୱତ କୃତି। ଏହା ଯେଭଳି ବ୍ୟାପକ ହେବ, ସେଥିପାଇଁ ରେଡ୍‌କ୍ରସ ସବୁମନ୍ତେ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜଭବନରେ ଆୟୋଜିତ ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର



ଲାଲ କହିଲେ ଯେ ସେବା ହେଉଛି ଭକ୍ତିଯୋଗ, କର୍ମଯୋଗ ଓ ଜ୍ଞାନଯୋଗର ସମନ୍ୱିତ ରୂପ। ରେଡ୍‌କ୍ରସର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ଜୁନିଅର ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ରେଡ୍‌କ୍ରସର ସେବାମୂଳକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହିତ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା କହିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଓଡ଼ିଶା ଯୁବ ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ନବ କିଶୋର ଦାସ ସେବା ହିଁ ପ୍ରାର୍ଥନା ବୋଲି ପ୍ରକାଶ କରିବା ସହ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ରେଡ୍‌କ୍ରସର କାର୍ଯ୍ୟକୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ। ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ ହାସଲ କରିପାରିଥିବା ଏକ ବଡ଼ ଉପଲବ୍ଧି ବୋଲି ପ୍ରକାଶ କରି ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଡ. ଅରୁଣ କୁମାର ସାହୁ ଓଡ଼ିଶାର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ରେଡ୍‌କ୍ରସ ପ୍ରେରିତ କରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ରେଡ୍‌କ୍ରସ ନିମନ୍ତେ ଜୀବନବ୍ୟାପି ସଂପୃକ୍ତି ଓ ସହଯୋଗ ନିମନ୍ତେ ସ୍ୱର୍ଗତ ରବିରତ୍ନ ଦାସ, ସ୍ୱର୍ଗତ ସୁଧାଂଶୁ ଭୂଷଣ ମିଶ୍ର ଓ ବିଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରେଡ୍‌କ୍ରସର କାର୍ଯ୍ୟ ନିମନ୍ତେ ପାଣ୍ଠି ସଂଗ୍ରହ ତଥା ଦକ୍ଷ ପରିଚାଳନା ପାଇଁ କେନ୍ଦୁଝର, ଯାଜପୁର ଓ ସମ୍ବଲପୁରର ଜିଲ୍ଲାପାଳମାନଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ରାଜ୍ୟପାଳଙ୍କ ସଚିବ ବିଶାଳ ଗଗନ ଓ 'ସ୍ୱାଭିମାନ' ଅନୁଷ୍ଠାନର ସଚିବ ଶ୍ରୁତି ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଇଂରାଜୀ ଭାଷାରେ ବ୍ରେଲିରେ ପ୍ରାଥମିକ ଚିକିତ୍ସା ପୁସ୍ତକ ଓ ରେଡ୍‌କ୍ରସର ନିଉଜ୍ ଲେଟରକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ଅବୈତନିକ ସଚିବ ମେଜର ଡ. କଳ୍ପନା ଦାସ ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ବିବରଣୀ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ସୂଚନା ଦେଇଥିଲେ।

## ଗ୍ରାମୀଣ ଉତ୍ପାଦର ବ୍ୟାପକ ବଜାର ସୃଷ୍ଟି ଲକ୍ଷ୍ୟ

**ଭୁବନେଶ୍ୱର:** ଓଡ଼ିଶାର ଗ୍ରାମୀଣ ଉତ୍ପାଦିତ ସାମଗ୍ରୀଗୁଡ଼ିକର ପର୍ଯ୍ୟାପ୍ତ ବଜାର ସମ୍ଭାବନା ଓ ସାମର୍ଥ୍ୟ ରହିଛି। ଏହାକୁ ଆଧାର କରି ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ବିପଣନ ସଂସ୍ଥା (ଓରମାସ୍) ଜରିଆରେ ଗ୍ରାମୀଣ ଉତ୍ପାଦକ ଏବଂ କାରିଗରମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ଆଗାମୀ ଦିନରେ ଦେଶର ନାମିଦାମୀ କମ୍ପାନୀ ତଥା ଉଦ୍ୟୋଗମାନଙ୍କ ସହ ଅନୁବନ୍ଧିତ କରାଯିବ। ଏହାଦ୍ୱାରା ସେମାନଙ୍କ ଉତ୍ପାଦନର ଗୁଣବତା ସୁନିଶ୍ଚିତ କରାଯିବା ସହ ବ୍ରାଣ୍ଡିଂଙ୍ଗ ମାଧ୍ୟମରେ ଅଧିକ ମୂଲ୍ୟଯୁକ୍ତ ହୋଇପାରିବ। ଗ୍ରାମୀଣ ଉତ୍ପାଦକମାନଙ୍କ ଆର୍ଥିକ ବିକାଶର ମାର୍ଗ ସୁଦୃଢ଼ ହେବା ସହ ସେମାନେ ଅର୍ନ୍ତଜାତୀୟ ବଜାରରେ ମଧ୍ୟ ପହଞ୍ଚି ପାରିବେ। ଏଥିନିମନ୍ତେ ଯଥାଶୀଘ୍ର ଏକ ସମନ୍ୱିତ ବିକ୍ରୟ ଯୋଜନା (ଇଣ୍ଟିଗ୍ରେଟେଡ୍ ମାର୍କେଟ୍ ପ୍ଲାନ୍ ) ପ୍ରସ୍ତୁତ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଓରମାସ ଏବଂ ଓଡ଼ିଶା ଜୀବିକା ମିଶନର କାର୍ଯ୍ୟାବଳୀ ସମୀକ୍ଷା କରି ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମୀକ୍ଷାରୁ ଜଣାଯାଇଥିଲା ଇତି ମଧ୍ୟରେ ଡ଼ାବର ଇଣ୍ଡିଆ, ମଦର ଡ଼ାଏରୀ ଏବଂ ଆଇ.ଟି.ସି. ଭଳି ଦେଶର ଅଗ୍ରଣୀ କମ୍ପାନୀମାନଙ୍କ ସହ ଓରମାସ୍ ଅନୁବନ୍ଧିତ ହୋଇ ହଳଦୀ, ମହୁ, ଧୂପକାଠି ଭଳି ଉତ୍ପାଦ ଗୁଡ଼ିକ ପ୍ୟାକେଜିଂ ଏବଂ ବିକ୍ରିବଟା ପାଇଁ ପଦକ୍ଷେପ ନେଇସାରିଛି। ସେହିଭଳି ଦୀନଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା କାର୍ଯ୍ୟକ୍ରମକୁ କିଭଳି ଆହୁରି ଭଲ ଭାବରେ କାର୍ଯ୍ୟକାରୀ କରାଯାଇପାରିବ ମନ୍ତ୍ରୀ ଶ୍ରୀ ଜେନା ତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଜୀବିକା ମିଶନର ବିଗତ ବର୍ଷର ସଫଳତା ଏବଂ ଚଳିତ ବର୍ଷର କାର୍ଯ୍ୟ ଖସଡ଼ା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଜେନା ବିସ୍ତୃତ ଭାବରେ ବୈଠକରେ ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାଯାଇଥିଲା ବିଗତ ଆର୍ଥିକ ବର୍ଷରେ ଓଡ଼ିଶା ଜୀବିକା ମିଶନ ପାଇଁ ୨୯୪ କୋଟି ୬୩ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ୩୪୨ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟ କରାଯାଇ ମିଶନ ଅଧିନରେ ସମସ୍ତ ଯୋଜନାର କାର୍ଯ୍ୟାନ୍ୱୟନ କରାଯାଇଛି। ଚଳିତ ବର୍ଷ ମଧ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଯୋଜନା ସମ୍ପନ୍ନ କରିବା ସହ କେନ୍ଦ୍ର ସରକାରଙ୍କ ଠାରୁ ମିଳୁଥିବା ଅର୍ଥ ବ୍ୟୟ କରି ବିନିଯୋଗ ପ୍ରମାଣ ପତ୍ର ଯଥା ସମୟରେ ଦାଖଲ କରିବା ଉପରେ ମନ୍ତ୍ରୀ ଶ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ।

## ଓଡ଼ିଶାରେ ଖୋଲିବ ଆଉ ୩ ସାଇବର ଥାନା

**ଭୁବନେଶ୍ୱର :** ଗତବର୍ଷ ରାଜ୍ୟରେ ମୋଟ ୨୫୮ ଜଣ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଅର୍ଥାତ ମାତ୍ର ୩ ମାସରେ ୪୫ ଜଣଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ଏସବୁ ସତ୍ତ୍ୱେ ଦିନକୁ ଦିନ ରାଜ୍ୟରେ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି, ଯାହା ଓଡ଼ିଶା ପୁଲିସ ପାଇଁ ଚାଲେଞ୍ଜ ସଦୃଶ ହୋଇଛି ବୋଲି କହିଛନ୍ତି ପୁଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା। ସାଇବର ଅପରାଧର ତଦନ୍ତ ଲାଗି ସାଇବର ଏକ୍ସପର୍ଟଙ୍କୁ ନିଯୁକ୍ତି ଦିଆଯିବା ସହ ଜୟପୁର, ବାଲେଶ୍ୱର ଓ ଭୁବନେଶ୍ୱରରେ ଆଉ ୩ଟି ନୂଆ ସାଇବର ଥାନା ଖୋଲାଯିବ ବୋଲି ଡିଜି ଡ. ଶର୍ମା କହିଛନ୍ତି। ପୁଲିସ ଭବନଠାରେ ଆୟୋଜିତ ସାଇବର ଅପରାଧ ସମ୍ପର୍କିତ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ଡିଜିପି ଡାକ୍ତର ଶର୍ମା ଆହୁରି କହିଥିଲେ ଯେ, ଯେଉଁ ଅନୁପାତରେ ସାଇବର ଅପରାଧ ବଢୁଛି, ସେହି ଅନୁପାତରେ ଥାନା ନାହିଁ। ଯାହାଫଳରେ ସାଇବର ଅପରାଧ ନିୟନ୍ତ୍ରଣ କରିବା ପୁଲିସ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏଭଳି ଅପରାଧକୁ ରୋକିବାକୁ ହେଲେ ରାଜ୍ୟ ପୁଲିସରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର ଜାଣିବା ଆବଶ୍ୟକ। ଏଥିପାଇଁ ବିଭିନ୍ନ କର୍ମଶାଳା କରାଯିବା ସହ ଦକ୍ଷତା ବୃଦ୍ଧି ଲାଗି ଟ୍ରେନିଂ ମଧ୍ୟ ଦିଆଯାଉଛି। ଆଗକୁ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ। ବର୍ତ୍ତମାନ ରାଜ୍ୟର ୪ଟି ସହର କଟକ, ବହ୍ମପୁର, ରାଉରକେଲା ଓ ସମ୍ବଲପୁରରେ ସାଇବର ଥାନା ରହିଛି। ଖୁବ୍‌ଶୀଘ୍ର ଆଉ ୩ଟି ଥାନା ପ୍ରତିଷ୍ଠା କରାଯିବ। ଜୟପୁର, ବାଲେଶ୍ୱର ଓ ଭୁବନେଶ୍ୱରରେ ଏହି ଥାନା ଖୋଲାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ନିକଟରେ ଏହାର ଉଦ୍‌ଘାଟନ କରାଯିବ। ଏଥିସହିତ କ୍ରାଇମବ୍ରାଞ୍ଚରେ ଜଣେ ସାଇବର ଏକ୍ସପର୍ଟଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ଦିଆଯିବ। ଏଥିପାଇଁ ତାଙ୍କୁ କ୍ରାଇମବ୍ରାଞ୍ଚ୍ ପକ୍ଷରୁ ମାସିକ ଦରମା ମଧ୍ୟ ପ୍ରଦାନ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି ୪ ଦିନିଆ କର୍ମଶାଳାରେ ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ମୋନିକା ନେଲସନଙ୍କ ସହିତ ସାଇବର ଏକ୍ସପର୍ଟମାନେ ଯୋଗଦେଇ ୨୦୦ରୁ ଉର୍ଦ୍ଧ୍ୱ ପୁଲିସ ଅଧିକାରୀଙ୍କୁ ସାଇବର ଅପରାଧ ରୋକିବା ଦିଗରେ ବିଭିନ୍ନ ଜ୍ଞାନକୌଶଳ ଶିକ୍ଷା ଦେଇଥିଲେ। କର୍ମଶାଳାରେ ବିଭିନ୍ନ ଜିଲ୍ଲାର ଏସ୍‌ଆଇ ର୍‍ୟାଙ୍କର ଅଧିକାରୀଙ୍କଠାରୁ ଏସ୍‌ପି ପାହ୍ୟାର ଅଧିକାରୀମାନେ ଯୋଗଦେଇଥିଲେ।

# ଧୈର୍ଯ୍ୟର ସହିତ ଲୋକଙ୍କ ସମସ୍ୟାର ସମାଧାନ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖିବା ସହ ସେମାନଙ୍କ କଲ୍ୟାଣ ପାଇଁ ନିଷ୍ପତି ନିଷ୍ପତି ନେବା ଜରୁରୀ। ସେଥିପାଇଁ ଧୈର୍ଯ୍ୟ ଓ ସମ୍ବେଦନଶୀଳତା ସହିତ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ସୁପରାମର୍ଶ ଦେଇଛନ୍ତି। ଓଡିଶା ଲୋକସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୧୭ର ୧୦୨ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଜୟଦେବ ଭବନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ତାଙ୍କ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ କଲ୍ୟାଣ ତାଙ୍କର ସବୁ ବିକାଶ କାର୍ଯ୍ୟକ୍ରମର ଫୋକସ୍ ।ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାରଙ୍କ ୩ ଟି ମନ୍ତ୍ର ସମ୍ପର୍କରେ ନବ ନିଯୁକ୍ତ ଅଧିକାରୀ ମାନଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ଜୀବନରେ ପରିବର୍ତନ ପାଇଁ ଟେକ୍ନୋଲୋଜି , ଟ୍ରାନ୍ସପରେନ୍ସି ଓ ଟିମ୍ ୱାର୍କ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବର୍ତମାନ ଏହି ମନ୍ତ୍ରରେ ରାଜ୍ୟ ସରକାର ସମୟକୁ ସାମିଲ କରିଛନ୍ତି। ସମୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାକୁ ଅଣଦେଖା କରିପାରିବେ ନାହିଁ। ତେଣୁ ଆମର ପ୍ରଶାସନରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଆମେ ୫ ଟି (ଟେକ୍ନୋଲୋଜି , ଟ୍ରାନ୍ସପରେନ୍ସି , ଟିମ୍ ୱାର୍କ , ଟ୍ରାନ୍ସଫରମେସନ୍ ଓ ଟାଇମ) ଉପରେ ଗୁରୁତ୍ୱ ଦେଉଛୁ। ଏହି ୫ଟି ମନ୍ତ୍ରକୁ ଆଧାର କରି କାମ କଲେ , ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ସହିତ ସଫଳ ଭାବେ ନିଜ ଦାୟିତ୍ୱ ନିର୍ବାହ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଓଡିଶା ଲୋକସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ପରୀକ୍ଷାରେ ଓଡିଶା ସିଭିଲ୍ ସର୍ଭିସ୍ ପାଇଁ ୧୦୨ ଜଣ ମନୋନୀତ ହୋଇ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରେ ୪୨ ଜଣ ମହିଳା ଥିବା ବେଳେ ୪ ଜଣ ଭିନ୍ନକ୍ଷମ ମନୋନୀତ ହୋଇଛନ୍ତି। ଏଥିରେ ୩୬ ଜଣ ଓଏଏସ୍ ରେ ଯୋଗ ଦେଇଥିବା ବେଳେ ୯ ଜଣ ଓପିଏସ୍ ରେ , ୨୪ ଜଣ ଓଏଫଏସ୍ ରେ , ୩ ଜଣ ସମବାୟ ସେବା ,୨୦ ଜଣ ରାଜସ୍ୱ ସେବା ଓ ୧୪ ଜଣ ଟିକସ ଓ ଆକାଉଣ୍ଟସ୍ ସେବାରେ ଯୋଗ ଦେଇଛନ୍ତି।

# ଏମ୍ସରେ ମିଳିବ ବିଏସ୍‌କେୱାଇ ସୁବିଧା

**ଭୁବନେଶ୍ୱର :** ଏଣିକି ଭୁବନେଶ୍ୱର ଏମ୍ସରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବ। ଏନେଇ ଏମ୍ସ ଭୁବନେଶ୍ୱର ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶିକା ପ୍ରଫେସର ଗୀତାଞ୍ଜଳୀ ବାତ୍ମାବେନ୍ ଏବଂ ଅନ୍ୟାନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ଗତ ୨୦୧୮ ଅଗଷ୍ଟ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରିଥିଲେ। ସେଥିରେ ୧୯୬ ଘରୋଇ ଡାକ୍ତରଖାନା ତାଲିକାଭୁକ୍ତ ହୋଇଥିବା ବେଳେ ମଙ୍ଗଳବାର ଏମ୍ସ ଭୁବନେଶ୍ୱର ସେଥିରେ ଯୋଡି ହୋଇଛି। ମନ୍ତ୍ରୀ ଶ୍ରୀ ଦାସ ବିଭିନ୍ନ ଘରୋଇ ଡାକ୍ତରଖାନା ଗୁଡ଼ିକର କର୍ମକର୍ତ୍ତାଙ୍କ ସହିତ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିନାମୂଲ୍ୟରେ ଚିକିତ୍ସା ପ୍ରଦାନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। କୌଣସି ପରିସ୍ଥିତିରେ ଗରିବଲୋକେ ଯେପରି ଘରୋଇ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ଘରୋଇ ଡାକ୍ତରଖାନାଗୁଡ଼ିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେମାନଙ୍କ ଡାକ୍ତରଖାନାରେ ଯୋଗାଇ ଦେଉଥିବା ଚିକିତ୍ସା ସମ୍ପର୍କିତ ରିପୋର୍ଟ, ପ୍ରତି ମାସରେ କେତେଜଣ, କେଉଁ ଅଞ୍ଚଳର, କେଉଁ ପ୍ରକାର ରୋଗ, ସିଧାସଳଖ ଆଡ୍‌ମିଶନ ହୋଇଛନ୍ତି କିମ୍ବା ସିଡିଏମ୍‌ଓଙ୍କ ଦ୍ୱାରା ରେଫର ହୋଇ ଆସିଛନ୍ତି, ସେ ସବୁର ଟିକିନିଖି ବିବରଣୀ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି। ସେହିପରି ଘରୋଇ ଡାକ୍ତରଖାନାଗୁଡ଼ିକର ଏ ବାବଦ ବିଲ୍ ପ୍ରଦାନକୁ ଡିଏମ୍‌ଇଟି ତ୍ୱରାନ୍ୱିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସବୁ ବିଲ୍ ବାକି ରହିଛି ବା ଆସିବ ସେ ସବୁକୁ ତୁରନ୍ତ ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ମନ୍ତ୍ରୀ ଶ୍ରୀ ଦାସ ରାଜ୍ୟରେ କର୍କଟ ରୋଗ ରୋଗ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଓଡ଼ିଶା କ୍ୟାନସର କେୟାର ଫାଉଣ୍ଡେସନ ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ଏହି ଫାଉଣ୍ଡେସନର ପ୍ରଥମ ବୈଠକ ଆସନ୍ତା ଜୁଲାଇମାସ ୧୫ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ବାରଙ୍ଗଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ଆପେକ୍ସ କର୍କଟ କେନ୍ଦ୍ର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ସଂପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ଭବାନୀପାଟଣାଠାରେ ବେଦାନ୍ତ ତରଫରୁ ପିପିପି ମୋଡ୍‌ରେ ପ୍ରତିଷ୍ଠା ହେବାକୁ ଥିବା ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ବେଦାନ୍ତର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସଚିବାଳୟରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା, ରାଜ୍ୟ ଔଷଧ ନିଗମ ଏମ୍‌ଡି ଅର୍ଚ୍ଚନା ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଡ଼ା ବିକେ ବ୍ରହ୍ମା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ହରପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ଆଚାର୍ଯ୍ୟ ହରିହର ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଷଡ଼ଙ୍ଗୀ ଏବଂ ଡା. ଦିନେଶ ପେଣ୍ଡାରକରଙ୍କ ସମେତ ଘରୋଇ ଡାକ୍ତରଖାନାଗୁଡ଼ିକର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସବୁ ସ୍କୁଲରେ ସିସି କ୍ୟାମେରା

**ଭୁବନେଶ୍ୱର :** ରାଜ୍ୟର ଉଭୟ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲର ପାଠପଢ଼ା ବ୍ୟବସ୍ଥା ଏବଂ ଶିକ୍ଷାଦାନ ପଦ୍ଧତି ଅନୁଧ୍ୟାନ ଲାଗି ଫାଟକ ଆଗରେ ପ୍ରଥମଥର ପାଇଁ ସିସି କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ସ୍କୁଲର ଦୈନିକ ଘଟୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସହ ପିଲାଙ୍କ ଗତିବିଧିକୁ ନଜର ରଖାଯିବ। ବିଶେଷକରି ଛାତ୍ରଛାତ୍ରୀଙ୍କ ସ୍କୁଲକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ନଜର ରଖିବା ସହ ସେମାନେ କେଉଁ କାର୍ଯ୍ୟରେ ତାଙ୍କର ସମୟ ଅତିବାହିତ କରୁଛନ୍ତି ତାହା ଉପରେ ନଜର ଦିଆଯିବ। ତେବେ ପ୍ରତି ମାସରେ ୨ଥର ସିସି କ୍ୟାମେରା ଫୁଟେଜ୍ ସରକାରଙ୍କ ପାଖରେ ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏହାବ୍ୟତୀତ ସବୁ ସ୍କୁଲର ସିସି ଟିଭି ଫୁଟେଜ ଯାଞ୍ଚ କରିବା ଲାଗି ଏକ ଆଇଟି ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ଫଳରେ ରାଜ୍ୟର ମୋଟ୍ ୬୭ହଜାର ୯୬୧ ସ୍କୁଲରେ ଖୁବଶୀଘ୍ର ସିସି ଟିଭି ବ୍ୟବସ୍ଥା ହେବ। ତେବେ ଯେଉଁ ସବୁ ସ୍କୁଲରେ ପୂର୍ବରୁ ଏହି ବ୍ୟବସ୍ଥା ରହିଛି ସମ୍ପୃକ୍ତ ସ୍କୁଲରେ ସିସି କ୍ୟାମେରା କିପରି କାର୍ଯ୍ୟକ୍ଷମ କରୁଛି ତା'ର ରିପୋର୍ଟ ଦାଖଲ କରିବା ଲାଗି କୁହାଯାଇଛି। ରାଜ୍ୟରେ 'ସମଗ୍ର ଶିକ୍ଷା' ଲାଗୁ ହେବା ପରେ ସବୁ ସ୍କୁଲର ରୂପରେଖ ପରିବର୍ତ୍ତନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହେଉଛି। ସ୍କୁଲଗୁଡ଼ିକର ଭିତ୍ତିଭୂମି, ଶିକ୍ଷକଙ୍କ ନିଯୁକ୍ତି, ପାଠପଢ଼ା ଶୈଳୀ ଆଦି ଯାଞ୍ଚ କରିବା ଲାଗି ସାଥି-ଇ ଆରମ୍ଭ ହୋଇଥିବା ବେଳେ ସ୍କୁଲ ପରିସରରେ ଦୈନନ୍ଦିନ ଘଟୁଥିବା ବିଭିନ୍ନ ଘଟଣାକୁ ମଧ୍ୟ ତଦାରଖ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ୩୬ହଜାର ୭୦ ପ୍ରାଥମିକ ସ୍କୁଲ, ୨୨ହଜାର ୧୯ଟି ଉଚ୍ଚପ୍ରାଥମିକ ସ୍କୁଲ ସମେତ ୯ହଜାର ୮୭୨ଟି ମାଧ୍ୟମିକ ସ୍କୁଲଗୁଡ଼ିକରେ ସିସି କ୍ୟାମେରା ଲଗାଯିବ। ଏନେଇ ଏକ ଟେକ୍ନିକାଲ କମିଟି ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସବୁ ସ୍କୁଲ ପରିଦର୍ଶନ କରି ରିପୋର୍ଟ ଦାଖଲ କରିବେ।

# ଠିକା ଡାକ୍ତରଙ୍କ ବୟସସୀମା ୭୦କୁ ବୃଦ୍ଧି

## ଘରୋଇ ସଂସ୍ଥାର ପରୀକ୍ଷା ରିପୋର୍ଟ ଉପରେ କଟକଣା

**ଭୁବନେଶ୍ୱର:** ଅବସର ଗ୍ରହଣ କରିଥିବା ଡାକ୍ତରମାନେ ଏଣିକି ୭୦ବର୍ଷ ବୟସ ପର୍ଯ୍ୟନ୍ତ ସରକାରୀ ଚିକିତ୍ସାଳୟରେ ଠିକା ଭିତିରେ କାର୍ଯ୍ୟ କରିପାରିବେ । ପୂର୍ବରୁ ଏହି ବୟସସୀମାକୁ ସରକାର ୬୮ବର୍ଷ ଧାର୍ଯ୍ୟ କରିଥିଲେ । ଗୁରୁବାର ସିଡିଏମଓ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହି ସୂଚନା ଦେବା ସହିତ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି ଆସନ୍ତା ଜୁଲାଇ ୧୫ ତାରିଖ ମଧ୍ୟରେ ତାହାର ତାଲିକା ପ୍ରସ୍ତୁତ ପାଇଁ ସିଡିଏମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ମିଳନୀରେ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଜିଲ୍ଲାୱାରୀ ସମୀକ୍ଷା କରିବା ସହିତ କେଉଁଠାରେ କି ପ୍ରକାର ଆବଶ୍ୟକତା ରହିଛି ତାହା ଉଲ୍ଲେଖ କରିବା ସହିତ ବିହିତ ପଦକ୍ଷେପ ନେବାକୁ ସିଡିଏମଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଅବସରପ୍ରାପ୍ତ ଡାକ୍ତରଙ୍କ ବୟସସୀମାକୁ ଦୁଇବର୍ଷ ବଢାଇବା ସହିତ ୭୦ବର୍ଷ ବୟସ ହୋଇନଥିବା ଅବସରପ୍ରାପ୍ତ ଡାକ୍ତରମାନଙ୍କ ତଥ୍ୟ ଟ୍ରେଜେରୀରୁ ସଂଗ୍ରହକରି ଆସନ୍ତା ଜୁଲାଇ ୧୫ ସୁଦ୍ଧା ସରକାରଙ୍କୁ ତାଲିକା ଦେବାପାଇଁ ସିଡିଏମଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ସଂକ୍ରାନ୍ତରେ ସିଡିଏମଓ ସମ୍ମିଳନୀରେ ସମୀକ୍ଷା କରାଯାଇଥିଲା । ଏଥିରୁ ଜଣାଯାଇଛି ଯେ ମଞ୍ଜୁରୀପ୍ରାପ୍ତ ମୋଟ୍ ୬୭୧୯ଟି ପଦବୀ ଥିବାବେଳେ ସେଥିରୁ ମାତ୍ର ୫୧୩ଟି ଖାଲି ପଡିଛି । ଡାକ୍ତରଙ୍କ ସଂଖ୍ୟା କମ୍ ରହିଥିବାବେଳେ କେତେକ ସ୍ଥାନରେ ବିନା ଅନୁମତିରେ ଡାକ୍ତରମାନେ ଅନୁପସ୍ଥିତ ରହିଯାଉଛନ୍ତି। ଏଭଳି ଘଟଣାକୁ ଆଉ ବରଦାସ୍ତ କରାଯିବନାହିଁ ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ସେହିଭଳି ରାଜ୍ୟ ସରକାର ନିଦାନ ଯୋଜନାରେ ରୋଗୀମାନଙ୍କୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ବିନା ମୂଲ୍ୟରେ ଯୋଗାଉଛନ୍ତି। ହେଲେ କିଛି ରୋଗୀ ଡାକ୍ତରଙ୍କ ପରାମର୍ଶ ନମାନି ଘରୋଇ ସଂସ୍ଥାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ରୋକିବା ଲାଗି ବେସରକାରୀ ସଂସ୍ଥାର ରିପୋର୍ଟକୁ ସରକାରୀ



ଡାକ୍ତରମାନେ ଗ୍ରହଣ ନକରିବାକୁ କୁହାଯାଇଛି। ସମସ୍ତ ପରୀକ୍ଷା ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉଥିବାରୁ ଡାକ୍ତରମାନେ ରୋଗୀଙ୍କୁ ଏଥିପାଇଁ ପଠାଇବାକୁ କୁହାଯାଇଛି। ସେହିଭଳି ଡାକ୍ତରଖାନାରେ ରୋଗୀମାନଙ୍କର ହେଉଥିବା ବିଭିନ୍ନ ପରୀକ୍ଷାର ରିପୋର୍ଟକୁ ତୁରନ୍ତ ସମ୍ପୃକ୍ତ ରୋଗୀଙ୍କୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରତ ଡାକ୍ତରମାନଙ୍କର ତାଲିକା ପ୍ରସ୍ତୁତ ସହିତ କେଉଁ ସମୟରେ କେଉଁ ଡାକ୍ତର ଚିକିତ୍ସାଳୟରେ ଉପସ୍ଥିତ ରହିବେ ସେ ସଂକ୍ରାନ୍ତୀୟ 'ଡ୍ୟୁଟି ଚାର୍ଟ' ସମ୍ପୃକ୍ତ ଡାକ୍ତରଙ୍କୁ ଦିଆଯିବା ସହିତ ଡାକ୍ତରଖାନାରେ ଲଗାଯିବାପାଇଁ ସ୍ଥିର ହୋଇଛି। ଜିଲ୍ଲା ସ୍ତରରେ ଡାକ୍ତରଖାନା ପରିଚାଳନା କ୍ଷେତ୍ରରେ ସିଡିଏମଓମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନଙ୍କର ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇଁ ନିଷ୍ପତି ହୋଇଛି। ଜିଲ୍ଲା ସ୍ତରରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁସଂଗଠିତ କରିବାପାଇଁ ଜିଲ୍ଲା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସରମାନେ ଏଣିକି ପ୍ରତିମାସରେ ଜିଲ୍ଲା ଗସ୍ତ କରିବେ। ସେଠାରେ ସ୍ୱାସ୍ଥ୍ୟସେବା ପାଇଁ କି ପ୍ରକାର ଆବଶ୍ୟକତା ରହିଛି ଓ କିଭଳି ତାହା ପୂରଣ ହେବ ସେ ସଂକ୍ରାନ୍ତୀୟ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ସିଡିଏମଓମାନଙ୍କୁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅର୍ଥ ପ୍ରଦାନ କରୁଥିବାବେଳେ ତାହାର ଉପଯୁକ୍ତ ବିନିଯୋଗ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କୌଣସି ଡାକ୍ତରଖାନାରେ ଜରୁରୀ ଆବଶ୍ୟକତା ଦେଖାଦେଲେ କାଳବିଳମ୍ବ ନକରି ସିଡିଏମ୍‌ଓମାନେ 'ଫ୍ଲେକ୍ସି ପୁଲ୍' ରେ ଥିବା ଅର୍ଥରୁ ବ୍ୟୟ କରିବାପାଇଁ ପରାମର୍ଶ ଦିଆଯାଇଛି ।ବର୍ତମାନ ଡାକ୍ତରଖାନା ଗୁଡିକୁ ଯୋଗାଇ ଦିଆଯାଇଥିବା ଯନ୍ତ୍ରପାତି ଆଦିର ଯେଭଳି ସଠିକ୍ ବିନିଯୋଗ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ସିଡିଏମଓମାନଙ୍କୁ କୁହାଯାଇଛି । ଦାନ ମାଝି ଘଟଣାର ଆଉ ଯେଭଳି ପୁନରାବୃତି ନହୁଏ ତାହା ଉପରେ ସିଡିଏମଓ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି । ଏଣିକି କୌଣସି ମୃତ ରୋଗୀଙ୍କୁ ଡାକ୍ତର ସାର୍ଟିଫିକେଟ ପ୍ରଦାନ ପୂର୍ବରୁ ମୃତକଙ୍କ ସମ୍ପର୍କୀୟ ଚାହିଁଲେ ସେମାନଙ୍କୁ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ । ମହାପ୍ରୟାଣ ଗାଡି ଯୋଗାଣରେ ଯେଭଳି କୌଣସି ସମସ୍ୟା ନଉପୁଜେ ସେଥିପାଇଁ ସିଡିଏମଓମାନେ ନିଜ ସ୍ତରରେ ହ୍ୱାଟସଆପ୍ ଗ୍ରୁପ ଗଠନ ପାଇଁ ପରାମର୍ଶ ଦିଆଯାଇଛି । ଏଥିରେ ଉପଜିଲ୍ଲାପାଳ, ବିଡିଓ ଓ ତହସିଲଦାରମାନଙ୍କୁ ଯୋଡିବାପାଇଁ କୁହାଯାଇଛି। ଜିଲ୍ଲାସ୍ତରରେ ସବୁ ଲୋକଙ୍କୁ ଯେଭଳି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ସେଥିପାଇଁ ଜିଲ୍ଲା ଚିକିତ୍ସା ବ୍ୟବସ୍ଥାର ମୁଖ୍ୟ ସିଡିଏମଓମାନେ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଦାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

## ବକ୍ରବାଣୀ



ସେବା କଲା ପରେ ଏତେ ବରଷ
ବାଆଜୀ ମନରେ ନାହିଁ ହରଷ
ବାଆଜୀ ପଛକୁ ଡାକ୍ତର ବାବୁ
ଭାବିଥିଲେ ଦିହେଁ ଏମପି ହେବୁ
ବଞ୍ଚିଥିବା ଯାଏଁ ସେବା କରିବେ
ସେବା କରି କରି ଶେପ ଧରିବେ
ମୁଖିଆ ଦିଲ୍ଲୀରୁ ଆଇଲେ ଫେରି
ସବୁରୀ ସପନ ଦେଲେଟି ମାରି
ବୈଷ୍ଣବ ଅମର ସସ୍ମିତ୍ ବାବୁ
ତୃତୀୟ ମହଲା କରିଲେ କାବୁ।

—ଟୁଟୁ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ଜୁନ୍, ୨୦୧୯

# ଅସୂୟା ମାନସିକତା ଓ ସ୍ୱଚ୍ଛ ବିଚାର

**ଆ**ଜିକାଲି ସବୁ କଥାରେ କେଁ। ସାହିତ୍ୟ ହେଉ କି ରାଜନୀତି ଜାଣିବା ଲୋକଠୁ ନଜାଣିବା ଲୋକ ବେଶୀ କହୁଛନ୍ତି। ଗୋଟିଏ ରୋଗକୁ ଅନେକ ଔଷଧ ଭଳି ଯୁକ୍ତିସଙ୍ଗତ ନହେଲେ ବି କିଛି ବ୍ୟକ୍ତି ପ୍ରତ୍ୟେକ କଥାରେ ଜିରାରୁ ଶିରା କାଢ଼ିଲା ଭଳି ପ୍ରସଙ୍ଗ ତିଆରି କରୁଛନ୍ତି। କେତେବେଳେ କାହାର ବ୍ୟକ୍ତିଗତ ଜୀବନକୁ ନେଇ ହେଉ କିମ୍ବା ବୃତ୍ତି ଓ ପ୍ରବୃତ୍ତିକୁ ନେଇ ଅନେକ ରୋଚକ ଆଲୋଚନା ମାହୋଲକୁ ସରଗରମ କରିଥାଏ। ତେବେ ଏହାପଛର କାରଣ କ'ଣ? ଯେଉଁ ବ୍ୟକ୍ତିବିଶେଷ ପ୍ରସଙ୍ଗର ଭିତ୍ତିଭୂମି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ଜାଣିଥାନ୍ତି ସେମାନେ ନିରବ ରହିବାକୁ ଉଚିତ୍ ମଣନ୍ତି। ଯେଉଁମାନେ ଏ ସମ୍ପର୍କରେ ବିନ୍ଦୁ ବିସର୍ଗ ଜାଣିନଥାନ୍ତି ସେମାନେ ଅଧିକ ଉତ୍ସୁକତାର ସହିତ ଘଟଣାର ପୃଷ୍ଠଭୂମି, କାହାଣୀ ପଛର ନାୟକ ଏବଂ କେଉଁ ପରିସ୍ଥିତିରେ ଏଭଳି ଘଟିଲା ତାହାକୁ ନେଇ ସମୀକ୍ଷା ଓ ସମାଲୋଚନା କରିଥାନ୍ତି। ତେବେ ସମୀକ୍ଷାର ଦିଗ ସକାରାତ୍ମକ ହେବା ବଦଳରେ ସମାଲୋଚନାର ପରିସର ଅଧିକ ହୁଏ। ଯେଉଁଥିପାଇଁ ସଜ ମାଛରେ ପୋକ ପଡିଲା ଭଳି ପରିସ୍ଥିତି ଉପୁଜି କେତେବେଳେ କାହାର ଜୀବନକୁ ପ୍ରଭାବିତ କରେ ତ ଆଉ କେତେବେଳେ ଜଣକୁ ତଳିତଳାନ୍ତ କରିଦିଏ। କିନ୍ତୁ ଯେଉଁମାନେ ଏଭଳି କରିଥାନ୍ତି ବା କରନ୍ତି ସେମାନେ ପରବର୍ତ୍ତି ସମୟରେ ପ୍ରସଙ୍ଗର ଦିଗ କେଉଁଆଡେ ଯିବ ବା ଭବିଷ୍ୟତରେ କ'ଣ ଘଟିବ ସେ ସମ୍ପର୍କରେ ଆଦୌ ସଚେତନ ନଥାନ୍ତି। ଦିନଥିଲା ବିଜ୍ଞ ଲୋକଙ୍କୁ ପରାମର୍ଶ ମାଗିଲେ ସେମାନେ ସମୟ ନେଇ ବୁଝି ବିଚାରି ପରାମର୍ଶ ଦେଇଥାନ୍ତି। ଯାହାର ଭଲ ଫଳ ପ୍ରଶ୍ନଦାତାଙ୍କୁ ମିଳିଥାଏ। ଏବେ ସେଭଳି କିଛି ହେବା ବଦଳରେ ସମସ୍ତେ ନିଜକୁ ଜଣେ ଉତ୍ତମ ପରାମର୍ଶଦାତା ଭାବିନେବା ଫଳରେ ପରିସ୍ଥିତି ଏଭଳି ଘଟୁଛି। ଯେକୌଣସି ପ୍ରସଙ୍ଗରେ ସାମ୍ନାରେ ଉପସ୍ଥିତ ବ୍ୟକ୍ତିଙ୍କୁ ପ୍ରଶ୍ନ ପଚାରିଲେ ସେ ଏହାର ସଠିକ୍ ଉତ୍ତର ଜାଣିଛନ୍ତି ବୋଲି ଦାବି କରନ୍ତି ଏବଂ ସେହି ହାରରେ ଉତ୍ତର ପ୍ରସ୍ତୁତ କରି ଅନର୍ଗଳ ପ୍ରବଚନ ଦେଇଚାଲନ୍ତି। କିନ୍ତୁ ଏଥିରେ ମଞ୍ଜି କ'ଣ, ଗଛ କ'ଣ, ଡାଳ କ'ଣ ଏବଂ ଫଳାଫଳ କ'ଣ ହେବ ସେ ଦିଗ ପ୍ରତି ପରାମର୍ଶଦାତା ଜଣକ ଆଦୌ ସଚେତନ ନଥାନ୍ତି। ଏଭଳି ଘଟଣା ସାଧାରଣ ଓ ନିରୀହ ଲୋକଙ୍କ କ୍ଷେତ୍ରରେ ବିଶେଷ ଘଟିଥାଏ। କାରଣ ବଡ ଲୋକଙ୍କୁ ଉତ୍ତର ନାହିଁ ନ୍ୟାୟରେ କେହି ସେମାନଙ୍କ ପାଖ ମାଡି ନଥାନ୍ତି କିମ୍ବା ମାଡିଥିଲେ ସମାଲୋଚନା କଲା ଭଳି ସେମାନଙ୍କ ନିକଟରେ ସାମର୍ଥ୍ୟ ନଥାଏ। ସେମାନେ ଜାଣିଥାନ୍ତି ଯେ, ବିଜ୍ଞ ଏବଂ ଧନାଢ଼୍ୟ ବ୍ୟକ୍ତିଙ୍କୁ ସମାଲୋଚନା କଲେ ଏହାର ବିପରୀତ ଫଳ ନିଶ୍ଚୟ ମିଳିବ। ତେଣୁ ଭାବିଚିନ୍ତି ଯେଉଁ ପର୍ଯ୍ୟନ୍ତ ହାତପାଏ ସେହି ପର୍ଯ୍ୟନ୍ତ ହାତ ବଢ଼ାଇ ଯାହା ସମ୍ଭବ ତାହା କରିବାକୁ ଉଚିତ୍ ମଣିଥାନ୍ତି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଫାଇଦା ଉଠାଇବା ଲୋକ ସଂଖ୍ୟା ଧିରେ ଧିରେ ବଢ଼ିଚାଲିଛି। ଏଥିରେ ସମ୍ପର୍କୀୟ, ଚିହ୍ନାଲୋକ, ସହକର୍ମୀ, ଅନୁଗତ ଓ ବିଶ୍ୱାସ ଥିଲା ଭଳି କିଛି ଲୋକ ଥା'ନ୍ତି। ଯେଉଁମାନଙ୍କୁ ସମାଲୋଚନା କଲେ କିମ୍ବା ସେମାନଙ୍କର କ୍ଷତି ଘଟାଇଲେ ସେମାନେ ତ୍ୱରିତ କିଛି ପ୍ରତିକ୍ରିୟା ନ ଦେଖାଇ ନିରବ ରହନ୍ତି ଓ ନିଜ ଭିତରେ ନିଜେ ଘାଣ୍ଟି ହୁଅନ୍ତି।

ସମୀକ୍ଷା

ତାରକ ମହାନ୍ତି



ସେଭଳି ବ୍ୟକ୍ତିଙ୍କୁ ଚୟନ କରି ସମାଲୋଚନା କରୁଥିବା କିଛି ବ୍ୟକ୍ତି ନିଜର ଡିଣ୍ଡିମ ପିଟିବାକୁ ଉଚିତ ଭାବିନିଅନ୍ତି। ଏଥିରେ ବ୍ୟକ୍ତି ଅପେକ୍ଷା ଗୋଷ୍ଠୀଗତ ଚକ୍ରାନ୍ତ ଅଧିକ ପରିଲକ୍ଷିତ ହେଉଛି। ସମାଜରେ ଏଭଳି କିଛି ସାହିତ୍ୟିକ, ରାଜନେତା ଏବଂ ଅର୍ଦ୍ଧବିଦ୍ୱାନ ରହିଛନ୍ତି ଯେଉଁମାନେ ନିଜକୁ ଶ୍ରେଷ୍ଠ ମନେକରି ଅନ୍ୟକୁ ନିଚା ଦେଖାଇବାର ଉଦ୍ୟମ କରିବା ଫଳରେ ଛୋଟ ଘଟଣାଟିଏ ବଡ ଆକାର ଧାରଣ କରି ହଟଚମଟ ସୃଷ୍ଟି କରେ। ଏଥିରେ କାହା ଝିଅ କାହା ପୁଅ ସାଙ୍ଗରେ ପଳାଇଲା, କାହା ପୁଅ କପି କରି ପାସ୍ କଲା, କିଏ ପିଲାଙ୍କ ପାଇଁ ଟଙ୍କା ଦେଇ ଚାକିରି ଯୋଗାଡ କଲା, କିଏ ବଡ ବଡ ଲେଖକଙ୍କ ଘରକୁ ପରିବା ବ୍ୟାଗ୍ ଧରି ବା ଲାଞ୍ଚ ଦେଇ ନିଜ ପାଇଁ ପୁରସ୍କାର ଯୋଗାଡ କଲା ଏବଂ ଆଉ କିଏ ସରକାରୀ ଅଧିକାରୀଙ୍କୁ ଧରି ନିଜ ପାଇଁ ଧନ, ସମ୍ପତ୍ତି ଓ ପ୍ରତିଷ୍ଠା ଯୋଗାଡ କରିପାରିଲା ତାହାହିଁ ମୁଖ୍ୟ ପ୍ରସଙ୍ଗ। ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କର୍ମ ଅନୁସାରେ କିଛି ନ ପାଇଥିଲେ ବି ଅନ୍ୟକୁ ସମାଲୋଚନା କରିନଥାନ୍ତି। କିନ୍ତୁ ଆଉ ଥୋକେ ସବୁକଥାରେ ଧରାଧରି ରହିଛି କହି ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିଙ୍କୁ ନିନ୍ଦିତ କରିବାକୁ ଅପଚେଷ୍ଟା କରନ୍ତି। ଫଳତଃ ତଥ୍ୟ ଜାଣିନଥିବା ସମାଲୋଚକଟିର କଥା କିଛି କ୍ଷଣ ବା କିଛିଦିନ ପାଇଁ ହାଟ ବଜାରରେ ଘୁରି ବୁଲିଲେ ବି ପରେ ଏହା ମିଛ ସାବ୍ୟସ୍ତ ହୋଇଥାଏ। ସେତେବେଳେ ସମାଲୋଚନା କରିଥିବା ବ୍ୟକ୍ତିମାନେ ଲାଙ୍ଗୁଡ ଜାକି ଅନ୍ୟ କାମରେ ବ୍ୟସ୍ତ ଅଛି କହି ପ୍ରସଙ୍ଗ ନିକଟରୁ ଧିରେ ଧିରେ ଦୂରେଇ ଯାଆନ୍ତି। ବିରୋଧୀ ନଥିଲେ ଭଲ ଶାସନ ନହେଲା ଭଳି ସମାଲୋଚକ ନଥିଲେ ଭଲ ସାହିତ୍ୟ ସୃଷ୍ଟି ହେବା ଅସମ୍ଭବ। ଏହା ଶତପ୍ରତିଶତ ସତ୍ୟ ହୋଇଥିଲେ ବି କୁଅର ଗଭୀରତା ମାପିବା ପାଇଁ ବାଉଁଶର ଲମ୍ବ ଅଧିକ ରହିବା ଉଚିତ। ନଚେତ୍ କୁଅ ଭିତରେ ବାଉଁଶଟି ଯେତିକି ବାଟ ଅତିକ୍ରମ କରି ପାଣିକୁ ଛୁଇଁ ପାରିଲା କୁଅରେ ସେତିକି ପାଣି ରହିଛି ବୋଲି ଘୋଷଣା କଲା ଭଳି ପ୍ରସଙ୍ଗ ଗୁଡିକ ସେଭଳି ହୋଇଯାଏ। କିନ୍ତୁ ବାସ୍ତବରେ କୁଅର ନିମ୍ନ ଭାଗକୁ ସ୍ପର୍ଶ ନକରି ଆମେ କେବେ କହିପାରିବା କି କୁଅ ଭିତରେ ଏତିକି ଫୁଟ୍ ପାଣି ଅଛି ବୋଲି। ତେଣୁ ଯେଉଁ ସମାଲୋଚକ ମାନେ ଅଧିକ ଜ୍ଞାନ ଅର୍ଜନ କରି, ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଜାଣି ସକାରାତ୍ମକ ମତ ରଖନ୍ତି ସେମାନେ ସବୁଠି ଗ୍ରହଣୀୟ। ମାତ୍ର ଅଳ୍ପ ଜାଣି ଅଧିକ କହୁବା ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ ନିନ୍ଦାର ପାତ୍ର ହେବା ସହିତ ଅନ୍ୟକୁ ସମାଲୋଚନା କରିବାର ଫଳ ସ୍ୱରୂପ ନିଜେ ସମାଲୋଚିତ ହୋଇଥାଏ। ଏହା କୌଣସି ନିର୍ଦ୍ଦିଷ୍ଟ ଘଟଣାକ୍ରମ ବଦଳରେ ସାମଗ୍ରୀକ ଭାବେ ସମାଜରେ ଘଟୁଥିବା ଘଟଣାବଳୀର ଅବତାରଣା ମାତ୍ର। ଏଥିରେ ଦୂତୀ ଚାନ୍ଦଙ୍କ ସମଲୀଙ୍ଗି ସମ୍ପର୍କ ହେଉ କିମ୍ବା ନିକଟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଡକ୍ଟର ଶିଶିର କୁମାର ବେହେରାଙ୍କ ଯୁବ ପୁରସ୍କାର ପାଇବାକୁ ନେଇ ସୋସିଆଲ ମିଡିଆରେ ଅନେକ କଥା ଦେଖିବାକୁ ମିଳିଲା। କେହି କେହି ଡକ୍ଟର ବେହେରାଙ୍କ ଲେଖକୀୟ ଜୀବନକୁ ନେଇ ସମାଲୋଚନା କରିଥିଲା ବେଳେ ଆଉ କେହି ତାଙ୍କର ସାମାଜିକ ପରିଚୟକୁ ନେଇ ସମାଲୋଚନା କରିବାକୁ ପଛାଇ ନଥିଲେ। ଅଥଚ ସେମାନେ ଜାଣିନଥିଲେ ଯେ, ଡକ୍ଟର ବେହେରା ଜଣେ ଭଲ ଶିକ୍ଷାବିତ୍ ଓ ପ୍ରାବନ୍ଧିକ। ଦୀର୍ଘ ବର୍ଷରୁ ଓଡ଼ିଆ ସାହିତ୍ୟ ସହିତ ତାଙ୍କର ପରିଚୟ ରହିଛି। ହେଲେ ତାଙ୍କ ସହ ଯେଉଁ ତଥାକଥିତ ସାହିତ୍ୟକମାନେ ସମ୍ପର୍କ ରଖିପାରି ନାହାନ୍ତି ସେମାନେ ଏହାକୁ ଆଦୌ ବରଦାସ୍ତ ନକରି ସମାଲୋଚନା କରିବାକୁ ପଛାଇଲେ ନାହିଁ। ପରେ ଯେତେବେଳେ ତାଙ୍କ ସମ୍ପର୍କରେ ସବିଶେଷ ଜାଣିଲେ ସେତେବେଳେ ସେମାନେ ନିରବ ରହିବାକୁ ବାଧ୍ୟ ହେଲେ। ତେବେ ଏଭଳି କାହିଁକି? ସର୍ଜନା କ୍ଷେତ୍ରରେ ନିମଗ୍ନ ବ୍ୟକ୍ତିବିଶେଷ ଜାଣି ରଖିବା ଉଚିତ ଯେ ନିଜ ସମ୍ପର୍କରେ ପ୍ରଶଂସା ହେଲା ବେଳେ ଯେତିକି ଉଲ୍ଲସିତ ହେଉଛନ୍ତି ଅନ୍ୟର ପ୍ରଶଂସାକୁ ମଧ୍ୟ ସମପରିମାଣରେ ଗ୍ରହଣ କରିବା କଥା। ନଚେତ ଅସୂୟା ମାନସିକତା ନେଇ ସ୍ୱଚ୍ଛ ବିଚାରର ପରିପ୍ରକାଶ କେବେବି ସମ୍ଭବ ନୁହେଁ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିଜେପୁର, ପାଟକୁରାରେ କଂଗ୍ରେସର ଅଗ୍ନି ପରୀକ୍ଷା !



**ଡାକ୍ତର ନୀଳମାଧବ ପୃଷ୍ଟି**

ସର୍ବଭାରତୀୟ ସ୍ତରରେ ମୋଦି ସୁନାମୀ ପୁନର୍ବାର ବିଜେପିକୁ ନୂଆଦିଲ୍ଲୀ ଦଖଲ ଦେଇଛି। ଓଡ଼ିଶାରେ ମଧ୍ୟ ବିଜେଡ଼ି ସୁପ୍ରିମୋ ନବୀନ ବାବୁଙ୍କ କରିସ୍ମା ଅତୁଟ ରହିଛି। ଇତିମଧ୍ୟରେ ଓଡ଼ିଶାର ବିଜେପୁର ଓ ପାଟକୁରାରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଦୁଇଟି ଆସନରେ ବିଜେଡ଼ି ଏକ ପ୍ରକାର ଆଗୁଆ ରହିଥିବାବେଳେ ବିଜେପି ମଧ୍ୟ ମଜଭୁତ୍ ସ୍ଥିତିରେ ଅଛି କିନ୍ତୁ ଭାରତର ବଡ଼ ଦଳ ଓ ଜାତୀୟ ଦଳ କୁହାଯାଉଥିବା ଓଡ଼ିଶା କଂଗ୍ରେସ ବାସ୍ତବରେ କରୁଛି କ'ଣ? ପାଟକୁରାରେ ବିଜୟ ମହାପାତ୍ରଙ୍କ ପରି ଭେଟେରାନଙ୍କୁ ଅଟକାଇବା ପାଇଁ ବିଜେଡ଼ିର ନିଃଶ୍ୱାସ ଏକ ପ୍ରକାର ଅଟକି ଯାଇଛି ସେଠାରେ। ଓଡ଼ିଶାରେ ବିଜେପି ଓ ପାଟକୁରା ପାଇଁ ନିର୍ଦ୍ଦିଷ୍ଟ ତାରିଖ ନିର୍ବାଚନ କମିଶନ ବିଧିବଦ୍ଧ ଭାବେ ଘୋଷଣା କରିନଥିଲେ ମଧ୍ୟ ବିଜେପି ଓ ବିଜେଡ଼ି ନିର୍ବାଚନ ପ୍ରଚାର ମାହୋଲ ଢ଼େର ପୂର୍ବରୁ ଆରମ୍ଭ କରିଦେଲେଣି। ତୃଣମୂଳସ୍ତରରୁ କର୍ମୀ, ସଙ୍ଗଠକ ଓ ମନ୍ତ୍ରୀମାନଙ୍କୁ ବିଜେଡ଼ି ପାଟକୁରା ପଠାଇ ତା ସମରସଜ୍ଜା ଆରମ୍ଭ କରିଦେଇଛି। ବିଜେପି ମଧ୍ୟ ପଛରେ ପଡ଼ିନାହିଁ। ନିୟମିତ କର୍ମୀ ସମ୍ମିଳନୀ, ରୋଡ଼ ସୋ' ଓ ଦଳୀୟ ସମାବେଶ ବିଜେପି ମଧ୍ୟ ଆରମ୍ଭ କରିଦେଇଛି। ଇତିମଧ୍ୟରେ ବିଜୟମହାପାତ୍ର ଓ ଭୁବନେଶ୍ୱରର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ପାଟକୁରାରେ ବିଶାଳ ରୋଡ଼ ସୋ' କରିବା ସହ ନୂଆଦିଲ୍ଲୀର କେନ୍ଦ୍ରୀୟ ଦପ୍ତରରେ ବିଜେପିର ଶୀର୍ଷ ନେତାମାନେ ବିଜୟ ମହାପାତ୍ରଙ୍କ ବିଜୟ ସୁନିଶ୍ଚିତ ପାଇଁ ରଣନୀତି ଆରମ୍ଭ କରିଦେଇଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର ପ୍ରସଙ୍ଗ ହେଉଛି ଏଯାବତ୍ କଂଗ୍ରେସ ପରି ବଡ଼ ଦଳ ନୀରବ ଭାବେ ଅସମ୍ଭବ ଚୁପ୍‌ଚାପ ଓଡ଼ିଶାରେ କଂଗ୍ରେସ ତା ଦଳର ସମ୍ମାନ ହରାଇ ମୁଖ୍ୟ ବିରୋଧୀ ଦଳର ମର୍ଯ୍ୟାଦା ବି ପାଇନାହିଁ। ଓଡ଼ିଶା କଂଗ୍ରେସର ମୁଖିଆ ନିରଞ୍ଜନ ବାବୁ ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ପରେ ସମ୍ପୂର୍ଣ୍ଣ ଚୁପ୍‌ଚାପ ନାଁ କଂଗ୍ରେସ ଭବନ ନାଁ ଦଳୀୟ ସମାବେଶ କେଉଁଠି କି ସେ ଯାଉଛନ୍ତି। ଚଳିତଥର କେନ୍ଦ୍ରାପଡ଼ା ଲୋକସଭା ଆସନରେ କଂଗ୍ରେସ ଧୂଳି ଚାଟିଛି। ଏହି ଲୋକସଭା ଆସନ ଅନ୍ତର୍ଗତ ତିନୋଟି ବିଧାନସଭା କ୍ଷେତ୍ର କଂଗ୍ରେସ ଦଖଲରେ ଥିଲା। ଏଥରକ ଗୋଟିଏ ବି ମିଳିନାହିଁ।

ଚଳିତଥର ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ଅନୁଭବ ମହାନ୍ତି ୮୫୨୨୮ ଭୋଟ ପାଇଥିବାବେଳେ ବିଜେପିର ବୈଜନ୍ତ ପଣ୍ଡା ପାଇଥିଲେ ୭୮୯୦୫ ଯେଉଁଠାରେ ମାଟିର ପୁଅ ବୋଲି ଭୋଟରଙ୍କୁ ଆହ୍ୱାନ ଦେଇଥିବା ଦକ୍ଷ ଆଇନଜୀବୀ ଧରଣୀଧର ନାୟକ ପାଟକୁରାରୁ ପାଇଥିଲେ ମାତ୍ର ୮୦୮୦ଭୋଟ କଂଗ୍ରେସ ପ୍ରାର୍ଥୀ ଭାବେ। ଚଳିତ ଥର ପାଟକୁରାର ବିଧାନସଭା ପ୍ରାର୍ଥୀ ଗତଥର ପରି ଚଳିତ ଥର ଜୟନ୍ତ ମହାନ୍ତି ରହିଛନ୍ତି। କେନ୍ଦ୍ର ଓ ଓଡ଼ିଶାରେ ମୋଦି ସୁନାମୀ କଂଗ୍ରେସକୁ ଏକ ପ୍ରକାର ଛାରଖାର କରିଦେଇଛି। ଓଡ଼ିଶା କଂଗ୍ରେସରେ ମୋଦି ଝଡ଼ ଭୟଙ୍କର କ୍ଷତି କରିଥିବାବେଳେ ଅଣ୍ଟା ଉଠାଇ ରଣନୀତି କରିବାକୁ କଂଗ୍ରେସ ଢ଼େର ଦିନ ସମୟ ନପାଇ ପାରେ। ଓଡ଼ିଶାରେ ବିଜେଡ଼ି ଓ ନିୟମିତ ଶକ୍ତି ବୃଦ୍ଧି କରୁଥିବା ବିଜେପିର ମୁକାବିଲା କିପରି କଂଗ୍ରେସ କରିବ ତାହା କାଠିକର ପାଠ ପରି। ଦିନ ଥିଲା ବିଜେପୁର ଆସନଟି କଂଗ୍ରେସର ଦୁର୍ଗ ଥିଲା। ବିଧାୟକ ସୁବଳ ସାହୁଙ୍କ ବିୟୋଗ ପରେ ତାଙ୍କ ପତ୍ନୀ ରୀତା ସାହୁ ବିଜେଡ଼ି ଟିକେଟରୁ ବିଜେପିର ଅଶୋକ ପାଣିଗ୍ରାହୀଙ୍କୁ ପରାସ୍ତ କରିଥିଲେ। ଯେଉଁଥିରେ କଂଗ୍ରେସ ପ୍ରାର୍ଥୀ ନିଜ ଅମାନତ ରଖିପାରି ନଥିଲେ। ପାଟକୁରା ଓ ବିଜେପିର ବିଧାନସଭା ଲଢ଼େଇରେ କଂଗ୍ରେସ ଏହି ଲେଖା ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ପଛୁଆ ଭାବେ ରହିଛି। ଓଡ଼ିଶାରେ କଂଗ୍ରେସ ଧରାଶାୟୀ ହୋଇଥିବାବେଳେ ଅମାନତର ରକ୍ଷା କରିବା ଯେଉଁଠି ପ୍ରାର୍ଥୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ହେଉଛି ସେ ଯାଗାରେ ଓଡ଼ିଶା ମୁଖିଆ ନିରଞ୍ଜନ ବାବୁ କାଦୁଅ ପାଣିରେ ପଶି କାଦୁଅ ଗୋଡ଼ରେ ଲଗାଇବା ପାଇଁ ନ୍ୟାୟରେ ଏହି ଦୁଇ ନିର୍ବାଚନର ମଙ୍ଗ ଧରିବା ପାଇଁ ରାଜି ହୋଇନପାରନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଓ ଓଡ଼ିଶାର ବିଜେଡ଼ି ସରକାରଙ୍କ ବିରୁଦ୍ଧରେ ଅନେକ ପ୍ରସଙ୍ଗ ରହିଥିଲେ ବି କଂଗ୍ରେସ ଏହାକୁ ରାଜନୈତିକ ଇସ୍ୟୁ କରି ରାସ୍ତାକୁ ଆସି ପାରୁନାହିଁ ଏହା ହିଁ ବଡ଼ ସମସ୍ୟା। ଓଡ଼ିଶାରେ କଂଗ୍ରେସର ଅସ୍ଥିତ୍ୱକୁ ଏକ ପ୍ରକାର ବିଜେଡ଼ି ସୁପ୍ରିମୋ ନବୀନ ବାବୁ ଓ ମୋଦି-ଶାହାଙ୍କ ବିଜେପି ଏକ ପ୍ରକାର ନିଶ୍ଚିହ୍ନ କରିଦେଇଛି। ସବୁବେଳେ ଦଳ ନିଜ ନେତା ଓ ଛାମୁଆ ପ୍ରଭାରୀଙ୍କ ଭିତରେ ଅପଡ଼କୁ ନେଇ ଯେଉଁପରି ରାଜନୈତିକ ଘଟଣାକ୍ରମ ସଂଗଠିତ ହେଉଛି ଏହାକୁ ଦେଖିଲେ ଓଡ଼ିଶା କଂଗ୍ରେସର ଦୟନୀୟ ସ୍ଥିତି ସୁସ୍ପଷ୍ଟ। ଏହି ଲେଖା ପ୍ରସ୍ତୁତ ହେବା ବେଳକୁ କେନ୍ଦ୍ରରେ କଂଗ୍ରେସର ସଭାପତି ଦାୟିତ୍ୱ ନେବା ପାଇଁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲକଙ୍କୁ ଦାୟିତ୍ୱ ନେବା ପାଇଁ ଶୀର୍ଷସ୍ତରର ନେତୃତ୍ୱ ଚାହୁଁଛନ୍ତି ବୋଲି ରିପୋର୍ଟ ଆସିଛି। ରାହୁଲ ଗାନ୍ଧୀ ସର୍ବଭାରତୀୟ ସ୍ତରରେ କଂଗ୍ରେସର ଶୋଚନୀୟ ପରାଜୟ, ମହାମେଣ୍ଟ ବିଫଳତା ଓ କଂଗ୍ରେସର ଅଭେଦ୍ୟ ଦୁର୍ଗ କୁହାଯାଉଥିବା ଦଳର ବୁନିଆଦି କ୍ଷେତ୍ର ଆମେଥିରୁ ରାହୁଲ ଗାନ୍ଧୀ ପରାଜୟ ପରେ ଦଳର ନେତୃତ୍ୱ ନେବା ପାଇଁ ଆଉ ଆଦୌ ଇଚ୍ଛୁକ ନୁହଁନ୍ତି। ସେହିପରି ଓଡ଼ିଶା କଂଗ୍ରେସ ମୁଖିଆ ନିରଞ୍ଜନ ବାବୁ ମଧ୍ୟ ଦାୟିତ୍ୱରୁ ଓହରି ଯିବା ପାଇଁ ଏକ ପ୍ରକାର ମାନସିକ ଭାବେ ପ୍ରସ୍ତୁତ ହୋଇସାରିଛନ୍ତି ବୋଲି ମଧ୍ୟ ଖବର ପ୍ରକାଶ ପାଇଛି। ତେବେ ଓଡ଼ିଶା କଂଗ୍ରେସର ଏ ପର୍ଯ୍ୟନ୍ତ ପାଟକୁରା ଓ ବିଜେପୁର କ୍ଷେତ୍ର ପାଇଁ କୌଣସି ସ୍ପଷ୍ଟ ରଣନୀତି ଦେଖାଯାଇନାହିଁ। ବର୍ଷା ବାହାନାରେ ପାଟକୁରା ନିର୍ବାଚନକୁ ବିଳମ୍ବିତ କରିବା ପାଇଁ ବିଜେଡ଼ି ଉଦ୍ୟମ ଆରମ୍ଭ କରିଦେଇଛି। ତେଣୁ କହିବାକୁଗଲେ ପାଟକୁରା ଓ ବିଜେପୁର ଉପ ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଦଳ ପାଇଁ ବା ରାଜନୈତିକ କ୍ଷେତ୍ର ପାଇଁ ଯେତିକି ବଡ଼କଥା ନୁହେଁ ବଡ଼ କଥା ହେଉଛି ଓଡ଼ିଶା କଂଗ୍ରେସ ପାଇଁ ଏହି ଅଗ୍ନି ପରୀକ୍ଷା ସଦୃଶ ନିର୍ବାଚନରେ ଦଳର ପ୍ରାର୍ଥୀଙ୍କ ଯଦି ଅମାନତ ଉଡିଯାଏ ତେବେ ଓଡ଼ିଶା କଂଗ୍ରେସର ଲେଉଟାଣୀର ସବୁ ପଥ ବନ୍ଦ ବୋଲି ବୁଝିବାକୁ ପଡ଼ିବ। ନିରଞ୍ଜନ ବାବୁ ନେତୃତ୍ୱ ନିଅଁନ୍ତୁ ବା ଅନ୍ୟ କେହି କିନ୍ତୁ ଏହି ବଡ଼ ପରୀକ୍ଷାରେ ପରୀକ୍ଷାର୍ଥୀ ହେବାକୁ କଂଗ୍ରେସ ଓଡ଼ିଶା ସୁପ୍ରିମୋ ନିରଞ୍ଜନ ବାବୁ ଆଗ୍ରହୀ ନ ହୋଇପାରନ୍ତି। କୁହାଯାଏ ମଲ ଘୋଡ଼ା ଉପରେ କେହି ବାଜି ଜିତି ବାଜିଗର ତ ହୋଇପାରିବେ ନାହିଁ ନା? କିନ୍ତୁ ପାଟକୁରା ବିଧାନସଭା କ୍ଷେତ୍ରରୁ କେନ୍ଦ୍ରାପଡ଼ା ଭାଜପା ପ୍ରାର୍ଥୀ ଯେତିକି ଭୋଟ ପାଇଛନ୍ତି ଓ ବିଜେପୁରରେ ଦ୍ୱିତୀୟ ସ୍ଥାନରେ ରହିଥିବା ବିଜେପି ୨୯% ଭୋଟ ପାଇବାରେ ସଫଳ ହୋଇଥିବା ପ୍ରାର୍ଥୀ ସନତ୍ ଗଡ଼ତିଆ ବିଜେଡ଼ି ପାଇଁ କଣ୍ଟା ସଦୃଶ ନିଶ୍ଚୟ। ଯେଉଁଠି କଂଗ୍ରେସର ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍ ଅମାନତ ହରାଇ ଭୋଟ ପାଇଥିଲେ ମାତ୍ର ୧୪୩୮୪ଟି। ତେଣୁ ପାଟକୁରା-ବିଜେପୁର ଅଗ୍ନି ପରୀକ୍ଷାରେ ଓଡ଼ିଶା କଂଗ୍ରେସ କେତେ ଦୂର ସଫଳ ହେବ ତାହା ଉତ୍ତର ସମୟ ହିଁ ଦେବ।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

# ପିଲାଙ୍କ ରକ୍ତଶିକୁଳି ରୋଗ



**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ପ୍ରତିବର୍ଷ ୧୯ଜୁନ ପାଳିତ ହୋଇଥାଏ ବିଶ୍ୱ ସିକିଲ୍‌ସେଲ ବା ରକ୍ତ ଶିକୁଳି ଦିବସ। ମଣିଷ ଶରୀରରେ ସାଧାରଣତଃ ଅଭ୍ୟନ୍ତରରେ ଥିବା ଲୋହିତ ରକ୍ତ କଣିକାର ଅନିୟମିତ ବୃଦ୍ଧିକୁ ଡାକ୍ତରୀ ଭାଷାରେ ସିକଲସେଲ ଆନାମିଆ ବା ରକ୍ତ ଶିକୁଳି କୁହାଯାଏ। ପ୍ରାଥମିକ ସମୟରେ ଏହାକୁ ନଜାଣି ପାରିବା ବା ଅବହେଳା କରିବା ଦ୍ୱାରା ଏହା ଶରୀରରେ ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି କରେ। ସାଧାରଣତଃ ମଣିଷ ଶରୀରରେ ଥିବା ଲୋହିତ ରକ୍ତ କଣିକା ଗୁଡ଼ିକ ଗୋଲ ବା ଚକ୍ରାକାର ହୋଇଥିବାବେଳେ ଏଥିରେ କିନ୍ତୁ ଲୋହିତ ରକ୍ତ କଣିକା ଅର୍ଦ୍ଧ ଚନ୍ଦ୍ରାକାର କଣିକା ପରି ସୃଷ୍ଟି ହୋଇଥାଏ। ଲୋହିତ ରକ୍ତ କଣିକାରେ ଅଧିକ ପରିମାଣର ଲୌହସାର ଯୁକ୍ତ ହେମୋଗ୍ଲୋବିନ ଥାଏ ଏହା ଏକ ଭାରବାହୀ କାର୍ଯ୍ୟ କରିବା ପରି ଫୁସ୍‌ଫୁସ୍‌ରୁ ସମଗ୍ର ଶରୀରରେ ଅମ୍ଳଜାନ ପରିବହନ କରିଥାଏ। ରକ୍ତ ଶିକୁଳି ରୋଗଟି ଲୋହିତ ରକ୍ତ କଣିକାର ହେମୋଗ୍ଲୋବିନ ଧାରଣା କ୍ଷମତାକୁ ନଷ୍ଟ କରିଦେଇଥାଏ ଯାହାଦ୍ୱାରା ଶରୀରରେ ରକ୍ତ ଅଭାବ ସୃଷ୍ଟି ହୋଇ ମୃତ୍ୟୁମୁଖରେ ପଡ଼ିବା ସାର ହୋଇଥାଏ। ସଚେତନତାର ଅଭାବ, ଅପପୁଷ୍ଟିର ଶିକାର, କମ ବିଶ୍ରାମ, ଅଧିକ ପ୍ରଜନନ ଓ ସଠିକ ବିଶ୍ରାମ ଆଦି ବିଭିନ୍ନ କାରଣରୁ ଆଦିବାସୀ ମହିଳାମାନେ ଏହି ରୋଗକୁ ଅଧିକ ଭାବରେ ସାମ୍ନା କରିଥାନ୍ତି। ୧୯୫୨ ମସିହାରେ ଏହି ରୋଗର ଜିନ୍ ଭାରତର ତାମିଲନାଡୁସ୍ଥିତ ନୀଳଗିରି ପାର୍ବତ୍ୟାଞ୍ଚଳରେ ତା ପାର୍ଦୁଭାବ ଦେଖାଇଥିଲା। ସାଧାରଣତଃ ପ୍ରଶ୍ନ ଉଠିଥାଏ ରକ୍ତ ଶିକୁଳି ସମସ୍ୟାକୁ କିପରି ପିଲାଙ୍କ ଠାରେ ଜାଣି ହେବ? ପିଲାଙ୍କ ଠାରେ ଜଣ୍ଡିସର ଅନେକ ପ୍ରାଥମିକ ଲକ୍ଷଣ ଏହି ସିକ୍‌ଲସେଲ ଆନିମିଆର ହିଁ ସମ୍ଭାବନା ଯାହାଦ୍ୱାରା ପିଲାଟିର ଶରୀରରେ ଲୋହିତ ରକ୍ତ କଣିକା ପ୍ରଭାବିତ ହୋଇ ପିଲାଟିର କେବଳ ଆଖି ନୁହଁ ଚର୍ମ ମଧ୍ୟ ଏକ ପ୍ରକାର ହଳଦିଆ ଦେଖାଯାଏ। ଏହା ସହ ହାତ, ଗୋଡ଼, ପେଟ, ଛାତି ଓ ଶରୀରର ଅନ୍ୟ ଅଭ୍ୟନ୍ତର ସ୍ଥାନରେ ପିଲାଟି ଅସହ୍ୟ ଯନ୍ତ୍ରଣାକୁ ସାମ୍ନା କରି ଛଟପଟ ହୁଏ। ତାର ଯେଉଁ ଅଙ୍ଗରେ ରକ୍ତ ଶିକୁଳିର ପ୍ରଦାହ ଦେଖାଯାଏ ସେହି ସ୍ଥାନକୁ ରକ୍ତ ସଞ୍ଚାର ବନ୍ଦ ହୋଇଯାଇଥିବାରୁ ଯନ୍ତ୍ରଣା ସେହିଠାରୁ ହିଁ ଶରୀରର ଭିତର ଆଡ଼କୁ ଏକ ପ୍ରକାର ମାଡ଼ି ଆସେ। ପିଲାଟି କ୍ଳାନ୍ତଶ୍ଳାନ୍ତ ହୋଇଯାଏ ଓ କେତେକ କ୍ଷେତ୍ରରେ ଏହି ଯନ୍ତ୍ରଣା ସମୟରେ ପିଲାଟିକୁ ନିମୋନିଆ ଗ୍ରାସ କରିଥାଏ। ଏହାସହ ଜ୍ୱର, କଫ ଓ ଶ୍ୱାସନଳୀ ପରି ସମସ୍ୟାକୁ ମଧ୍ୟ ପିଲାଟି ସାମ୍ନା କରେ।

ରକ୍ତ ଶିକୁଳି ରୋଗଟି ପିଲାମାନଙ୍କର ପ୍ରାଥମିକ କ୍ଷେତ୍ରରେ ଦେଖାଯାଏ ଏହା ଏକ ପ୍ରକାର ଆନୁବଂଶିକ ରୋଗ। କେବଳ ବାପା ବା ମାଆ ନୁହଁନ୍ତି ପରିବାର କୌଣସି ଲୋକର ଏହି ସମସ୍ୟା ଥିଲେ ପରବର୍ତ୍ତୀ ପିଢ଼ୀ ସ୍ୱାଭାବିକ ଭାବେ ଏହାକୁ ସାମ୍ନା କରିଥାନ୍ତି। ପ୍ରାଥମିକ ଭାବେ ଶିଶୁ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେବା ଜରୁରୀ। ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ ମେଡ଼ିକାଲ ଓ ଶିଶୁଭବନ ସବୁଠାରେ ଏହାର ପରାମର୍ଶ ଓ ନିଦାନ ପାଇଁ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି କରିଛନ୍ତି। ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିର ରକ୍ତ ପରୀକ୍ଷା ଦ୍ୱାରା ଶରୀରରେ ହେମୋଗ୍ଲୋବିନର ମାତ୍ରା, ପରିସ୍ଥିତି ଓ ବିଷାକ୍ତ ତତ୍ତ୍ୱ ନେଇ ତଥ୍ୟ ଜଣାପଡ଼ିଥାଏ। ଆବଶ୍ୟକସ୍ଥଳେ ପିଲାଟିକୁ ଶରୀରରେ ହେମୋଗ୍ଲୋବିନର ପର୍ଯ୍ୟାପ୍ତ ମାତ୍ରା। ଭାରସାମ୍ୟ ରକ୍ଷା କରିବା ପାଇଁ ରକ୍ତ ଦେବାକୁ ପଡ଼ିଥାଏ। ତେବେ ଏପରି ପରିସ୍ଥିତିରେ ପିଲାଟି ଯେପରି ଶରୀରରେ ଡିହାଇଡ୍ରେସନ ଓ ଅମ୍ଳଜାନ ଅଭାବର ସମସ୍ୟାକୁ ସାମ୍ନା ନକରେ ସେ ଦିଗକୁ ଦୃଷ୍ଟି ଦେବା ଜରୁରୀ। ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିକୁ ଫୁଟା ଯାଇଥିବା ବିଶୋଧିତ ପର୍ଯ୍ୟାପ୍ତ ପାଣି ଦିଅନ୍ତୁ। କେତେକ ପିଲାଙ୍କ କ୍ଷେତ୍ରରେ ଏହି ଚିକିତ୍ସା ଆରମ୍ଭ ହୋଇଥିବାବେଳେ ପରିପାର୍ଶ୍ୱିକ ଯନ୍ତ୍ରଣା ଓ ଶରୀରର ଅନ୍ୟ ଅଙ୍ଗକୁ ସଂକ୍ରମଣ ଓ ଷ୍ଟ୍ରୋକର ଭୟ ରହିଥାଏ। ତେବେ ଏ ନେଇ ଭୟଭୀତ ହେବାର କିଛି କାରଣ ନାହିଁ। ସାଧାରଣତଃ ରକ୍ତ ଶିକୁଳି ପରି ଏକ ଯନ୍ତ୍ରଣାଦାୟକ ଓ ଚିନ୍ତାଜନକ ମାରାତ୍ମକ ବିଶେଷ କରି ଶିଶୁରୋଗ ପାଇଁ ଓଡ଼ିଶା ସରକାର ଅନେକ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା ହାତକୁ ନେଇଛନ୍ତି। ମାତୃଗର୍ଭରୁ ପିଲାଟିକୁ କୁପୋଷଣ ଓ ରକ୍ତହୀନତାରୁ ଦୂରେଇବା ପାଇଁ ଗର୍ଭବତୀ ମାଆଙ୍କୁ ପୁଷ୍ଟିକର ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟପରାମର୍ଶ ଓ ପ୍ରୋତ୍ସାହନ, ବିଭିନ୍ନ ଟୀକାକରଣ ଓ ସରକାରୀ ଡାକ୍ତରଖାନାରେ ନିରାପଦ ପ୍ରସବ ପାଇଁ ଯୋଜନା ହାତକୁ ନେଇଛନ୍ତି। ସେହିପରି ରାଜ୍ୟର ସମସ୍ତ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞମାନେ ଏହି ରୋଗର ଚିକିତ୍ସା ନିରାକରଣ ଓ ସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ଡାକ୍ତରୀ ପରାମର୍ଶ ସହ ମାଗଣା ପରୀକ୍ଷା, ନିରୀକ୍ଷା ଓ ଔଷଧ ବଣ୍ଟନ ସହ ଆବଶ୍ୟକସ୍ଥଳେ ବିନା ମୂଲ୍ୟରେ ରକ୍ତ ଭଣ୍ଡାରରୁ ଲୋଡ଼ା ପଡୁଥିବା ପିଲାମାନଙ୍କ ପାଇଁ ରକ୍ତ ମଧ୍ୟ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଜରୁରୀ। କାହାକଥା ଶୁଣି କୌଣସି ହାତ ଚିକିତ୍ସା ବା ଘରୋଇ ଚିକିତ୍ସା ପିଲଟି ଠାରେ ପ୍ରୟୋଗ କରନ୍ତୁ ନାହିଁ। ଗୁଣିଗାରେଡ଼ି ସହାୟତା ନେବା ତ ଦୂରର କଥା ପିଲାଟିର ଅଭିଭାବକମାନେ ଏହାକୁ ଚିନ୍ତା ଭିତରକୁ ଆଣନ୍ତୁ ନାହିଁ। ଡାକ୍ତରଙ୍କ ଉପରେ ବିଶ୍ୱାସ ଓ ଧୈର୍ଯ୍ୟ ରଖନ୍ତୁ। ସରକାରୀ ଡାକ୍ତରଖାନାରେ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଚିକିତ୍ସା ଜାରି ରଖିବା ସହ ପିଲାଟିକୁ ଆଶ୍ୱାସନା ଦିଅନ୍ତୁ। ଭଗବାନ ସାମୟିକ ଭାବେ ଯେଉଁ କଷ୍ଟ ଦେଇଛନ୍ତି ବୋଲି ଭାବୁଛନ୍ତି ଦେଖିବେ ଖୁବ୍ ଶୀଘ୍ର ଏ ସବୁ ଦୂର ହୋଇଯିବ କିନ୍ତୁ ଆପଣଙ୍କ ଅଧୈର୍ଯ୍ୟ ଓ ଡାକ୍ତରଙ୍କ ଅବିଶ୍ୱାସ ବା କାହାର କାନକୁହା କଥା ପିଲାଟିର ପରିସ୍ଥିତିକୁ ବିଗାଡ଼ି ଦେଇପାରେ, ଏହାକୁ ଭୁଲନ୍ତୁ ନାହିଁ। ଦେଖିବେ ଆପଣଙ୍କ ପିଲାଟି ପୁଣି ଖୁସିରେ ଫାଟିପଡ଼ିବ ଆପଣଙ୍କ ଦୁଃଖର ସଂସାର ଭିତରେ ପୁଣି ସୁଖର ଢ଼େଉ ଫେରିଆସିବ।

***ସହକାରୀ ପ୍ରଫେସର***
*ଶିଶୁରୋଗ ବିଭାଗ, ଶିଶୁଭବନ, କଟକ*
*ଦୂରଭାଷ : ୯୪୩୭୧୨୪୦୭୪*

# ମାନବ ଜୀବନର ଦଶ ମହାଯଜ୍ଞ

**ଯୋଗୀ ଗଣେଶ୍ୱର**

ଭାଗ-୧୦

**ଶ**ମହାଯଜ୍ଞର ଦଶମ ପରିଚ୍ଛେଦଟି ହେଉଛି 'କ୍ରିୟାଯଜ୍ଞ'। କର୍ମ ହିଁ ଭଗବାନ। କର୍ମ ପୂଜା,ସମର୍ପଣ। କର୍ମମୟ ଜଗତରେ ଦୈନନ୍ଦିନ ଯେତେ ସବୁ ଛୋଟବଡ଼ କର୍ମ ସଂପାଦନ ହେଉଛି ତାହା କ୍ରିୟାଯଜ୍ଞ ଅନ୍ତର୍ଭୂକ୍ତ ଅଟେ। ଲୀଳାମୟ ରହସ୍ୟମୟ ଠାକୁର କର୍ମବିନୁ ରହି ପାରନ୍ତି ନାହିଁ। କର୍ମରଜ୍ଜୁରେ ସମସ୍ତ ପ୍ରାଣୀଙ୍କୁ ବାନ୍ଧି ସୃଷ୍ଟିଚକ୍ରକୁ ଘୁରାଇଥାନ୍ତି। ଦ୍ୱାପରଯୁଗରେ ଉଦ୍ଧବ ଭଗବାନଶ୍ରୀକୃଷ୍ଣଙ୍କ କର୍ମର ଆସ୍ପୃହା ଦେଖି ପୁଚ୍ଛାକଲେ ପ୍ରଭୁ, ତୁମ୍ଭେ ତ ଜଗଦ୍‌ଗୁରୁ, ତୁମ୍ଭ ଗୁରୁ ପୁଣି କିଏ? କାହା ନିର୍ଦ୍ଦେଶରେ ତୁମ୍ଭେ ସବୁକର୍ମ କରୁଛ? ଶ୍ରୀକୃଷ୍ଣ ସ୍ମିତ୍ ହସି କହିଲେ କର୍ମ ମୋହର ନିଜ ଗୁରୁ,ଉଦ୍ଧବ କେତେ ତୁ ପଚାରୁ। ଅତଏବ ଭଗବାନ ସ୍ୱଂୟ ମହତକର୍ମୀ। ମାୟା ସଂସାରରେ ଯେତେ ସବୁ କର୍ମ ହେଉଛି ପ୍ରଭୁ କରାଉଛନ୍ତି। କର୍ମ ମାଧ୍ୟମରେ ଭଗବାନଙ୍କର ସଂସାରଲୀଳାକୁ ଅନୁଭବ କରିବା ସହଜ। କର୍ମରେ ଭଗବାନଙ୍କୁ ଉପାସନା ନ କରି ଅକର୍ମା ଭଗବାନଙ୍କୁ ନିନ୍ଦାକରନ୍ତି। ଭଗବାନ ଭଗବଦ୍‌ଗୀତାରେ କହିଛନ୍ତି-ଶରୀରଯାତ୍ରାପି ଚ ତେ ନପ୍ରସିଦ୍ଧ୍ୟେଦକର୍ମଣଃ..... (ଗୀତା ୮/୩)। ଅର୍ଥାତ୍ କର୍ମବିନୁ ପ୍ରାଣୀର ସ୍ଥିତି ଅସମ୍ଭବ। କେବଳ କର୍ମ ଉଦ୍ଦେଶ୍ୟରେ ପ୍ରାଣୀମାନେ ଆତଜାତ ହୋଇଥାନ୍ତି। କର୍ମଫଳକୁ ପାଥେୟ କରି ଉଚ୍ଚ ନୀଚଯୋନିରେ ଜନ୍ମ ହୋଇଥାନ୍ତି। କର୍ମ ହେଉଛି ଭାଗ୍ୟବିଧାତା। ମନ୍ଦକର୍ମରୁ ନର୍କ ଭୋଗ,ଭଲକର୍ମରୁ ସ୍ୱର୍ଗବାସ। ଯିଏ ଯେପରି କର୍ମ କରନ୍ତି ସେହିପରି ଫଳ ଭୁଞ୍ଜିଥାନ୍ତି। ଯେପରି କର୍ମ କଲେ ଭଗବାନ ସନ୍ତୁଷ୍ଟ ହୋଇଥାନ୍ତି ସେହିପରି କର୍ମ କରିବା ମନୁଷ୍ୟର ଜୀବନ ଧାରା। ଏଥିପାଇଁ ସଂକଳ୍ପ ଗୋଟିଏ। ଦିଗ ଦୁଇଟି,ଉପାୟ ତିନୋଟି ଓ ପଥ ଚାରିଟି। ପ୍ରଥମେ ସଂକଳ୍ପ ନେବା ଆବଶ୍ୟକ ଯେ ମୁଁ ସତ୍‌ପଥରେ ରହି କର୍ମ କରିବି। ପଥ ଦୁଇଟି ମୂଢ଼ଗତି ଅଥବା ଦୃଢ଼ଗତି। ସାତ୍ତ୍ୱିକ ଭୋଜନ,ସାତ୍ତ୍ୱିକ କର୍ମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବ ଅଥବା ସଂସାରତ୍ୟାଗୀ ହୋଇ ତପକର୍ମ ବଳରେ ଭଗବତଦର୍ଶନ କରିବ




ତାହା ସ୍ଥିର କରିବା ଆବଶ୍ୟକ। ଧର୍ମ,ଅର୍ଥ, କାମ,ମୋକ୍ଷ ଚାରିଦିଗରୁ ଗୋଟିଏ ଚୟନ କରି ଗତି କରିବା ସରଳମାର୍ଗ ଅଟେ।

ମନୁଷ୍ୟର ମୁକ୍ତି ପାଇଁ ମହାପୁରୁଷମାନେ ତିନୋଟି ଉପାୟ କହିଛନ୍ତି। କର୍ତ୍ତବ୍ୟକର୍ମ, ମନଇଚ୍ଛା କର୍ମ,ଅକର୍ମ। ସ୍ଥାନ,କାଳ ବିଚାରରେ କର୍ତ୍ତବ୍ୟକର୍ମରେ ନିଯୁକ୍ତ ହେବା ଉଚିତ୍। ମୂଢ଼ କର୍ମବଳରେ,ଦୃଢ଼ ଭକ୍ତିବଳରେ ଓ ସୁଦୃଢ଼ ଜ୍ଞାନବଳରେ ଭଗବାନଙ୍କର ପ୍ରିୟ ସନ୍ତାନ ହୋଇପାରନ୍ତି। ମୌଳିକ ଜ୍ଞାନବିଜ୍ଞାନ ଆହରଣ କରି ସଚ୍ଚାକର୍ମୀ ହେବା ମନୁଷ୍ୟ ଜୀବନର ଲକ୍ଷ୍ୟ। ମାତ୍ର ଉପାୟ ଅନୁସରଣ କାଳରେ ସତ୍ୟପ୍ରକାଶ ପାଇବା ଉଚିତ୍। ଉପରୋକ୍ତ ସମସ୍ତ ପଦ୍ଧତି ମାନସିକ ଶାରୀରିକ କର୍ମ ନିମନ୍ତେ ଶାସ୍ତ୍ରୀୟ ବିଧାନ। ଦୈନନ୍ଦିନର ବୃତ୍ତିକର୍ମ ଶାସ୍ତ୍ରୀୟ ମତରେ କରାଗଲେ ତାହା ହୁଏ କ୍ରିୟାଯଜ୍ଞ। ଭଗବାନଶ୍ରୀକୃଷ୍ଣ ଭଗବଦ୍‌ଗୀତାରେ ପ୍ରଥମ ଛଅ ଅଧ୍ୟାୟ କର୍ମଯୋଗର ବିଧି ଶିକ୍ଷାଇଛନ୍ତି। କର୍ମ ରହସ୍ୟକୁ ପ୍ରକାଶ କରି ସୂଚାଇ ଦେଇଛନ୍ତି ଯେ ପ୍ରଥମେ କର୍ତ୍ତବ୍ୟକର୍ମ। କାରଣ କର୍ମବିନୁ ମନୁଷ୍ୟ ନିଷ୍କର୍ମା ଜୀବନ ବିତାଇଥାନ୍ତି। ରୋଗବ୍ୟାଧିରେ ଛଟପଟ ହୁଅନ୍ତି ଅଥବା ଆତ୍ମହତ୍ୟାର ପଥ ବାଛି ନିଅନ୍ତି। ମାନବ ଜୀବନ ନନ୍ଦିଘୋଷ ରଥ। ପରଂବ୍ରହ୍ମ ଆତ୍ମାରୂପରେ ସେଇ ରଥରେ ଉପବିଷ୍ଟ। କର୍ମ ହେଉଛି ଏଇ ରଥର ଚକ ସଦୃଶ୍ୟ। ଜୀବନର ଗତିପଥକୁ ନିୟନ୍ତ୍ରିତ କରିଥାନ୍ତି। କର୍ମ ଏପରି ଶକ୍ତି ଯାହା ନିଭୃତ ଜ୍ଞାନକୋଷରୁ କ୍ରିୟାଶୀଳ ନ ହେଲେ ମନୁଷ୍ୟ ପାଗଳ ପରି ଘୁରିବୁଲେ। କର୍ମର ଶୁଭଫଳ ଭୁଞ୍ଜିବା ସମ୍ଭବ ହୁଏ ନାହିଁ। ସୃଷ୍ଟିଚକ୍ରର ସ୍ଥିରତା ନିମନ୍ତେ ଭଗବାନବିଷ୍ଣୁ ମଧ୍ୟ ବିଧିପୂର୍ବକ କର୍ମ କରିଥାନ୍ତି। ଭଗବାନ ଗୀତାରେ କହିଛନ୍ତି-ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ.....(ଗୀତା-୨୨/୩)। ଅର୍ଥାତ୍ ଭଗବାନଙ୍କ ପାଇଁ ଅପ୍ରାପ୍ତବସ୍ତୁ ବୋଲି କିଛି ନାହିଁ। ଭଗବାନଙ୍କ ନିମନ୍ତେ ସ୍ୱତନ୍ତ୍ରକର୍ମ କିଛି ନିର୍ଦ୍ଦିଷ୍ଟ ହୋଇ ନାହିଁ। ତଥାପି ଜଗତର ମଙ୍ଗଳଉଦ୍ଦେଶ୍ୟରେ ସେ ସମସ୍ତକର୍ମ କରୁଛନ୍ତି,କରାଉଛନ୍ତି। କର୍ମର ଅନୁଭୂତିରୁ ଭକ୍ତି ଜାତ ହୋଇଥାଏ। ଭକ୍ତିରୁ ଜ୍ଞାନପ୍ରାପ୍ତ ହୋଇଥାଏ। ଜ୍ଞାନରୁ ଈଶ୍ୱରଙ୍କ ସାନ୍ନିଧ୍ୟ ମିଳିଥାଏ। ଅତଏବ କର୍ମଫଳରେ ଆସକ୍ତି ନ ରଖି ସୁଚାରୁରୂପେ ଦୈନନ୍ଦିନର କର୍ମ ସଂପାଦନ କଲେ ଯଜ୍ଞକାରୀ ସୁଖଶାନ୍ତି, ସମୃଦ୍ଧିପ୍ରାପ୍ତ ହୋଇଥାନ୍ତି। ସମାପ୍ତ।

**ହରି ଓଁ ତତସତ୍ !**

**ଦୂରଭାଷ-୯୬୬୮୬୩୧୨୫୭**

# କଳାହାଣ୍ଡି



ସୁରେଶ ସାଗର

ଏ ଝିଅଟି
ଏମିତି କ'ଣ ପାଇଁ
କିନ୍ଦ୍ରି ବୁଲୁଚି ଦିନରାତି
ଡଙ୍ଗର୍ଲା ଭିତରେ ?

କେହି ନା କେହି ତ
କନ୍ଦଉଚି ନିଶ୍ଚୟ !
ନଚେତ୍ ସବୁବେଳେ
ବୁହନ୍ତା କି ଲୁହ ?

କେବେ ଥରେ ଦେଖିଥିଲି
ପୁସ୍ତମ ଯାନି ସହ ଖାଉଥିଲା
ଶିଆଳି ପତ୍ରର ଡବ୍ଲାରେ
ମାଣ୍ଡିଆ ଯାଉ, କାନ୍ଦୁଲ ସିଝା
ପରଷୁଥିଲେ ପାହାଡ଼, ପର୍ବତ ।



ଆଜି ପୁଣି ଦେଖୁଚି
ଥୁଆ ହେଇଚି
ଖର୍ଖେଇ କନ୍ଦା, ପିତା କନ୍ଦା
ଆମ୍ବ କୋଇଲିର ପିଠା ।

ଖାଉଚି,
ଛୁଇଁ ଦେଖୁଚି
ଭୋକ ଆଉ ଦୁଃଖ
କେତେ ପାଖାପାଖି !

ତା' କାନ୍ଦ କାନ୍ଦ
ମୁହଁ ଦେଖି
ଏଥର ପାଖକୁ ଯାଇ
ପଚାରିଲି,
କ'ଣ ହେଇଚି ତୁମର ?

ଆଙ୍ଗୁଠିରେ ଓଠକୁ ଛୁଇଁଲା
ଖୋଜିଲା ଓଠସାରା
ପାଇଲାନି କିଛି
ବହି ଆସିଲା ଦୁଇ ବୁନ୍ଦା
ଲୁହର ଧାରା ।

*ଦୂରଭାଷ : ୯୪୩୭୪୦୫୧୫୭*

# ସେଇ ମୁହୂର୍ତ୍ତ ଭିତରେ



ଲିପ୍‌ସା ପଟେଲ

ଦୁଃଖର ଛାଇତଳେ
ସୁଖ ସାଉଁଟିବାର ଉପକ୍ରମ ବେଳେ
ଲୁହ ଜମାଟ ବାନ୍ଧେ ଆଖି କୋଣରେ,
କୋହ ବରଫ ପାଲଟେ ହୃଦୟ ଭିତରେ,
ସ୍ୱପ୍ନ ସବୁ ବିଜୁଳି ପ୍ରାୟ
ଉଡାନ୍ ହେଲାବେଳେ
ହସ ମଧ୍ୟ ପାଲଟେ ପ୍ରଜାପତି ।

କପାଳର ବୁନ୍ଦା ବୁନ୍ଦା ଝାଳ
ଯେତେବେଳେ ଲେଖୁଥାଏ
ମୋ ଭାଗ୍ୟଫଳ,
ଭୁର୍ଜପତ୍ରର ଅକ୍ଷର ସବୁ
ଦେଖାଯାଏ ଠିକ୍ କଳା କଳା ପୋକପରି,

ଅତୀତ ଓ ବର୍ତ୍ତମାନର
ଦୂରତା ମାପୁ ମାପୁ
ଅଚିହ୍ନା ହୁଏ
ଅନେକ ଆତ୍ମୀୟ ମୁହଁ,
ନିଜଠାରୁ ନିଜେ ହାରିବା ଶିଖିଲା ବେଳେ
ବିତି ସାରିଥାଏ ଅନେକ ଆୟୁଷ,
ଭୁଲି ସାରିଥାଏ କାନ୍ଦିବାର କୌଶଳ,
କେବଳ ଘୁରିବୁଲେ
ନିଜ ଇଚ୍ଛା ଭିତରେ
ଦୁଃଖର ଛାଇତଳେ
ସୁଖ ସାଉଁଟିବାର ଉପକ୍ରମ ମଧ୍ୟରେ ।

*ଭବାନୀପାଟଣା*

# ଖରା



ପ୍ରବୀଣ କୁମାର କବି

ଖରା
କେବେ ସକାଳର ଅହଙ୍କାର,
ତ କେବେ ଆଲୁଅ ଭର୍ତ୍ତି ଅନ୍ଧାର ।

ଖରା
କେବେ ଅର୍ଦ୍ଧଦଗ୍ଧ ସ୍ୱପ୍ନର ଅର୍ଦ୍ଧନିର୍ମିତ ଆଖି,
ତ କେବେ କଳଙ୍କିତ ବୟସର ସାକ୍ଷୀ ।

ଖରା
କେବେ ଫୁଙ୍ଗୁଳା ଦେହର ତାତି,
ତ କେବେ ନିର୍ଜନତାର ଅତିଥି ।

ଖରା
କେବେ ଝରାବସନ୍ତର ବାସ,
ତ କେବେ କବିର କବିତା ଚାଷ ।

ଖରା
କେବେ ଦାରିଦ୍ର୍ୟର ଡହକରେ ଥରୁଥିବା ସ୍ୱାଭିମାନ,
ତ କେବେ ସ୍ୱପ୍ନଭିଜା ସ୍ୱର୍ଣ୍ଣାଭ ସକାଳ ।

ଖରା
କେବେ ସ୍ମୃତି ବିସ୍ମୃତିର ଚିହ୍ନ,
ତ କେବେ ପ୍ରେମରେ ଉଜୁଡା ମନ ।

ଖରା
କେବେ ବଢ଼ା ବୟସର ପାପ,
ତ କେବେ ବୁଢ଼ୀ ଅସୁରୁଣୀ ଗପ ।

ଖରା
କେବେ ଓଢଣୀ ତଳର ଛାଇ,
ତ କେବେ ଉଦାସୀ ଆଖିର ନଈ ।

ଖରା
କେବେ ଥରିଲା ଓଠର ଶୋଷ,
ତ କେବେ ଭୋକିଲା ପେଟର ହସ ।

ଖରା
କେବେ ନିସ୍ତବ୍ଧ ଶବ୍ଦର ସ୍ୱର,
ତ କେବେ ମରୀଚିକାର ଚିତ୍କାର... ।

*ସମ୍ପାଦକ, ବଣମଲ୍ଲୀ*
*ଅଧ୍ୟାପକ, ପତିତପାବନ ମହାବିଦ୍ୟାଳୟ*
*ମଦନପୁର, କେନ୍ଦୁଝର*
*ଦୂରଭାଷ: ୭୬୦୯୦୭୭୦୨୩*

# ଜିଜ୍ଞାସା



ଲକ୍ଷ୍ମଣ ମିଶ୍ର

ଯେତେବେଳେ ଆଖିଖୋଲି
ଦେଖେ ମୁଁ ଚାରିଆଡେ
ଭାବିବସେ ମନେ ମନେ
କିଏ ସେ ଭରିଲା
ଆକାଶରେ ଏ ନିଳୀମା,
ପତ୍ରରେ ପତ୍ରରେ ସବୁଜିମା
ମନ୍ଦାର ଫୁଲରେ ଏମିତି ରକ୍ତିମା ?
କେହି ଜଣେ ତ ଥିବ
ଯାହାଠୁ ଶିଖିଥିବ ଲାଜକୁଳୀଲତା
ଏତେ ଲଜ୍ଜା, ଏତେ ସ୍ପର୍ଶକାତରତା,
ଯିଏ ଦେଇଥିବ ଏଣ୍ଡୁଅକୁ
ମୁଣ୍ଡ ଟୁଙ୍ଗାରିବାର ସେଇ
ଗୋଟିଏ ମାତ୍ର ଅବୁଝା ମୁଦ୍ରା,
ଯାହାଠୁ ଧାର ଆଣିଥିବ ବଗ
ସବୁକିଛି ଜାଣିଥିଲେ ବି
ନ ଜାଣିଲା ଭଳି ରହିବାର
ନିଖୁଣ ଅଭିନୟ କଳା ।
ପର ମୁହୂର୍ତ୍ତରେ ଯେବେ
ହଠାତ୍ ମୁଁ ଆଖି ବନ୍ଦ କରିନିଏ
ଭାବିବସେ ମନେମନେ
ଏମିତି ବି ତ' ହୋଇପାରେ
ନା ଅଛି ଆକାଶ
ନା ତା'ଦେହରେ ନୀଳିମା
ନା ଭରିଛି ପତ୍ରରେ ସବୁଜିମା
ନା କେବେ ଏଣ୍ଡୁଅ ଥିଲା
ନା ବଗକୁ କିଛି ଅଭିନୟ ଜଣା



ଏସବୁ ତ' ଆଖିର ଭ୍ରମ
ଆଖି ରଚୁଛି ମାୟା
ଯାହାସବୁ କେବଳ ଓ କେବଳ
ମୋ ଆଖିର କରିସ୍ମା ।
ଦଣ୍ଡେ ତୁନି ରହି
ପଚାରେ ପୁଣି ମୁଁ
ନିଜକୁ ଯାହା ନିଜେ
ଆହା ଯେଉଁ ଆଖିକୁ
ଜଣା ଏତେ କିମିଆଁ
ସେ ଆଖି ପୁଣି
କାହାର ସୃଷ୍ଟି,
କାହାର ସେ କଳ୍ପନା
ଏବଂ ଆଖି ଦେଖଉଛି
ଯେତେସବୁ ହରକତ୍
ତା'ପଛରେ ପୁଣି
କାହାର ହାତସଫେଇ ?
ମୋଟାମୋଟି ଭାବେ
ଯାହାସବୁ ଏଠି ଚାଲିଛି
ସେ ସବୁ କାହାର କାରନାମା ?

*କନ୍ଧମାଳ, ବୌଦ୍ଧ*
*ଦୂରଭାଷ: ୮୨୭୦୩୧୩୧୫୩*

# ଘୋଡା

ଅମରେଶ ବିଶ୍ୱାଳ

॥ ୪ ॥



ଏଇ ଘଟଣାର ଅନେକ ଦିନ ପରେ ଗୋଟେ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କଲା । ଉଭୟ ଶାସକ ବିରୋଧୀ ଏ ଖବର ଶୁଣି ଚମକି ପଡିଲେ । ସମସ୍ତେ ସମସ୍ତଙ୍କ ଭିତରେ ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା ହେଲେ । ସେଦିନ ଟିଭିରେ ଖବରଟି ଥିଲା– ଆସନ୍ତୁ ଦେଖିବା ଆମର ସନ୍‌ସନି କାହାଣୀ, 'କେମିତି ଘୋଡା ପାଲଟିଲା ମଣିଷ' ।

ଏ ପ୍ରୋଗ୍ରାମ୍‌ର ଆଡଭାଟାଇଜ୍‌ମେଣ୍ଟ ଦେଖି କେତେକ କହିଲେ, ଏହା ବୋଧେ କୌଣସି ଭୁତ କାହାଣୀ । କିଛି କଲେଜ ପିଲା କଥାହେଲେ, ପ୍ରକୃତରେ ମ୍ୟାଜିସିଆନ୍ ପିସି ସରକାରର ଜଣେ ଛାତ୍ର ଏ ମ୍ୟାଜିକ୍ କରି ଦେଖାଇବ । ଯେମିତି ଷ୍ଟେଜ ଉପରେ ମଣିଷ ମୁଣ୍ଡ କଟାଯାଏ, କିନ୍ତୁ ରକ୍ତ ବାହାରେ ନାହିଁ, ସେମିତି ଏଥରର ଇଏ ଏକ ନୂଆ ଖେଳ । ଷ୍ଟେଜ୍ ଉପରେ ଟିଭି କ୍ୟାମେରା ଆଗରେ ମଣିଷଟିଏ ଧୀରେ ଧୀରେ ଘୋଡା ପାଲଟିଯିବାର ଦୃଶ୍ୟ ସମସ୍ତେ ଦେଖିବେ । ଏହା ନିଶ୍ଚିତ କ୍ରିକେଟ ଧାରା ବିବରଣୀ ପରି ଅତ୍ୟଧିକ ଲୋକପ୍ରିୟ ହେବ ।

ଜଣେ ସମାଜ ସଂସ୍କାରକ କହିଲେ, ଟିଭିବାଲାଙ୍କ ଉପରେ ଲଗାମ ଲାଗିବା ଦରକାର । ମଣିଷକୁ ଘୋଡା କରିବା କ'ଣ ସହଜ କଥା ନା ସମ୍ଭବ କଥା !! ଇଏ ଦର୍ଶକଙ୍କୁ ଭକୁଆ ବନେଇବାର ଗୋଟେ କୌଶଳ । ଏ ପ୍ରୋଗ୍ରାମ ବିରୋଧରେ ପିଆଇଏଲ୍ ଦାଖଲ ହେବ ।

ପ୍ରୋଗ୍ରାମ ପ୍ରଡୁସର କହିଲେ, ହେଉ.. ହେଉ... କୋର୍ଟକୁ କେସ୍ ଗଲେ ରେଟିଂ ଘାଇଁ ଘାଇଁ ବଢିବ.. କଣ୍ଟ୍ରୋଭର୍ସି ନହେଲେ କି ପ୍ରୋଗ୍ରାମ୍ !!

ସମସ୍ତେ ଅପେକ୍ଷା କରିଥିଲେ ସେଇ ସଂଧ୍ୟାକୁ, ସତରେ କେମିତି ମଣିଷଟିଏ ଘୋଡା ହେବ ଦେଖିବା ପାଇଁ । ଦେଖିଲା ବେଳକୁ ଏଇଟା ଗୋଟେ ପୂରା ପଲିଟିକାଲ ଷ୍ଟୋରି । ପୂରା ସନ୍‌ସନି ଖେଜ୍ । ଗତ ରାଜ୍ୟସଭା ନିର୍ବାଚନରେ କୋଟି କୋଟି ଉଡିଛି । ଗୁଡାଏ ଭିକାରୀ ଏମେଲେ ପାଜେରୋ ଚଢି ବୁଲୁଚନ୍ତି । ଟଙ୍କା ସ୍ୱିସ୍‌ବ୍ୟାଙ୍କକୁ ଯାଇଚି । ଟିଭି ପରଦାରେ ଗୋଟେ ମଣିଷ ଦେହରେ ଗୋଟେ ଘୋଡାର ମୁହଁ ଯୋଡିଦିଆ ଯାଇଛି । ଅନେକ ଲୋକଙ୍କୁ ଲାଗିଲା, ଏ ଦେହଟା ବୋଧହୁଏ ବନ୍ଧମୁଣ୍ଡାର ନଅଥରିଆ ଆଦିବାସୀ ଏମେଲେ ରବିନସନ୍ ଖାଡୁଆ ଉର୍ଫ ଖାଡୁଆ ଏମେଲେର ।

ଖବରଦାତା କହିଲା, ଏଇ ଘଟଣା ପରେ ରବିନସନ ଖାଡୁଆଙ୍କୁ ଆଉ କେହି କେବେ ଦେଖିନାହିଁ । ସେ କୁଆଡେ ଗଲେ, କେମିତି ଗଲେ, କାହିଁକି ଗଲେ, କାହିଁକି ଆସୁନାହାନ୍ତି ତାହା କାହାକୁ ଜଣାନାହିଁ । ଜଣେ ଚେଙ୍ଗା ରିପୋର୍ଟର ଗୋଟେ ବଣ ଭିତରେ ପଶି ଗୋଟେ ଗଛମୂଳେ ଠିଆ ହୋଇ ହାତ ହଲେଇ ହଲେଇ ମୁହଁ ଛିଞ୍ଚାଡି କହିଲେ– ଏଇ ହେଉଛି ସେଇ ଶାଳଗଛ, ଯେଉଁଠି ସେଦିନ ରାତିରେ ଆସି ଲୁଚିଥିଲେ ରବିନସନ ଖାଡୁଆ... ଏଇଠି ସେ ପିଇଥିଲେ ମହୁଲି ମଦ.. ଆଉ ଚାଖଣା ଖାଇ ସାରିବା ପରେ ମଦମତ୍ତ ଏମେଲେ ସାହେବ ଏଇ ଶାଳଗଛରେ ଚଢି ଯାଇଥିଲେ ମାଙ୍କଡ ପରି... ଏଇ ସେଇ ଶାଳଗଛ.. ମୁକସାକ୍ଷୀ... ଏହା କହି ରିପୋର୍ଟର ସାହେବ ଗଛରେ ଚଢିବାକୁ ଉଦ୍ୟମ କଲେ... ଏଥୁଅନ୍ତେ ଟିଭି ପରଦାରେ ଅନ୍ୟ ଖବର ଆସିଗଲା...

ରାଜ୍ୟ ରାଜନୀତିରେ ହଇଚଇ... ଶାସକ ବିରୋଧୀ ସମସ୍ତେ ଲୁଚିଲେ । ଜଣେ କିଣିଚି... ଜଣେ ବିକିଚି... ଉଭୟ ଦଳର ହାଇକମାଣ୍ଡଙ୍କୁ ସାମ୍ବାଦିକ ଖୋଜିଲେ... କିନ୍ତୁ ସମସ୍ତଙ୍କ ମୋବାଇଲ୍ ଫୋନ୍ ବନ୍ଦ.. ସମସ୍ତଙ୍କ ଫୋନ୍‌ରୁ ଆସିଲା ଯାନ୍ତ୍ରିକ ଶବ୍ଦ... ଆପଣ ଡାଏଲ୍ କରୁଥିବା ନମ୍ବରଟି ବନ୍ଦ ଅଛି ଅଥବା ଅପହଞ୍ଚ ଦୂରତାରେ ଅଛି... ସମସ୍ତେ ଅପହଞ୍ଚ...

ଟିଭି ପରଦାରେ ସୁନ୍ଦରୀ ଘୋଷିକା ପୁଣି କହିଲେ, ଗତ ରାଜ୍ୟସଭା ନିର୍ବାଚନରେ ବନ୍ଧମୁଣ୍ଡାର ଖାଡୁଆ ଏମେଲେ ଭୋଟ ଦେଇନଥିଲେ । ସେ ଭୋଟ ଦେବାକୁ ଆସିଲେ ନାହିଁ । ସେ ସମୟରେ କେହି ବେଶୀ କିଛି ଏ ବିଷୟରେ ପଚରା ପଚରି କଲେନାହିଁ । ବିରୋଧୀଙ୍କ ହାତରୁ ତ ଏମିତି ସିଟ୍ ଯିବାର ଥିଲା, ଶାସକ ଦଳ କିନ୍ତୁ ଘୋଡା ବେପାର କରି ସିଟ୍ ହାତେଇ ନେଇଥିଲା...

ଟିଭି ପରଦାରୁ ଶୁଭୁଥିଲା... ହାଇକମାଣ୍ଡଙ୍କ ଫୋନ୍ ବାର୍ତ୍ତାଳାପ... ପଶ୍ଚିମ ଓଡିଶା ବିଧାୟକ ସରଂଜନ ପୂଜାରୀଙ୍କ ସ୍ୱର... ଦଲାଲର ସ୍ୱର... ଆଉ ଏମେଲେ ରବିନସନ୍ ଖାଡୁଆଙ୍କ ସ୍ୱର... ସମସ୍ତେ ମାତିଥିଲେ ହିସାବରେ... ମୂଲାମୂଲି ଛିଣ୍ଡୁ ନଥିଲା... କୋଟି କୋଟି ଉଡୁଥିଲା...

ସୁନ୍ଦରୀ ଘୋଷିକା କହିଲା, ଆପଣ ନିଜେ କୁହନ୍ତୁ, ଫୋନ୍ ବାର୍ତ୍ତାଳାପର ଏ ସ୍ୱର କାହାର... ଏମାନେ ହେଉଛନ୍ତି ମଣିଷକୁ ଘୋଡା କରି ଦେଉଥିବା କିଛି ବ୍ୟକ୍ତି... ବଡ ଚମତ୍କାର ଏ ରାଜନୀତି...

ଶେଷରେ ଖୋଜାଖୋଜି କରି ତା ପରଦିନ କିଛି ଟିଭି ଚ୍ୟାନେଲେ ଖବର ଦେଲେ, ସେଦିନରୁ ଖାଡୁଆ ଏମେଲେ ଆଉ ରାଜ୍ୟକୁ ଫେରିନାହାନ୍ତି... ସେ ବିଦେଶର କୌଣସି ଏକ ଦାମି ହସପିଟାଲରେ ଭୀଷଣ ଅସୁସ୍ଥ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି... ଡାକ୍ତରମାନେ କହୁଛନ୍ତି, ତାଙ୍କ ମୁହଁ କାଳେ କ୍ରମେ ଘୋଡାମୁହଁ ପରି ହେଇଗଲାଣି... ଡାକ୍ତରଙ୍କ ପାଇଁ ବି ଏହା ଏକ ରୋଚକ କେଶ୍... ଗବେଷଣା ଚାଲିଛି... ଭାରତରେ କେମିତି ଓ କାହିଁକି ମଣିଷମାନେ ଧୀରେ ଧୀରେ ଘୋଡାରେ ପରିଣତ ହେଉଛନ୍ତି ସେ ସମ୍ବନ୍ଧରେ ଗଭୀର ଗବେଷଣା... ଅତ୍ୟନ୍ତ ରୋଚକ...

*ପ୍ଲଟ୍ ନଂ-୫୨୫/୧୨୬୦୩,*
*ସମେଇଗାଡିଆ, (କଳିଙ୍ଗ କଲେଜ ପାଖ),*
*ପୋ-ରସୁଲଗଡ, ଭୁବନେଶ୍ୱର-୧୦*
*ଦୂରଭାଷ: ୯୮୬୧୪୧୫୩୭୭*



# ଶୂନ୍ୟ ଶାମୁକା



ଅମ୍ବିକା ସ୍ୱାଇଁ

ସ୍ନେହ ମମତାର
ବିଶ୍ୱାସର ସାଗରରେ ଡୁବୁ ଥିଲି
ମୋତିର ସନ୍ଧାନରେ ...
ହେଲେ ମୋତି ତ ମିଳିଲାନି
ଶୂନ୍ୟ ଶାମୁକାର ଧାରାରେ
କ୍ଷତାକ୍ତ ହେଲା ଶରୀର ...
ସେହି କ୍ଷତାକ୍ତକୁ ମଲମର ପଟି ଦେଇ
ଶୁଖାଇବାକୁ ଚେଷ୍ଟା କଲେ ବି
ସେ ଗଭୀର କ୍ଷତାକ୍ତ ସହଜରେ ଶୁଖୁନାହିଁ
ବରଂ ବେଶି ବେଶି ଘାଇଲା ହେଉଛି ...
ଖୁବ୍ ଯନ୍ତ୍ରଣା ଦେଉଛି ...
ସେ ଯନ୍ତ୍ରଣାରେ ଛଟପଟ ହେଉଛି ମନ



ହୃଦୟରୁ ଉଠୁଛି କୋହ
ଆଖିରୁ ବୋହି ଯାଉଛି ଝର ଝର ଲୁହ...
ସେହି ଲୋତକ ବିନ୍ଦୁ ଭିତରେ ପ୍ରତିଫଳିତ ହେଉଛି
ମୋ ସ୍ନେହ ମମତାର ଅସରନ୍ତି ମୋହ... !

*ଖଣ୍ଡଗିରି, ଭୁବନେଶ୍ୱର*








ପାବନୀ ପଟେଲ
ଷ୍ଟାଣ୍ଡାର୍ଡ - ୮
ବିମଳା କନଭେଣ୍ଟ ସ୍କୁଲ
ଭବାନୀପାଟଣା





ଅନିକେତ ସିଂହ
ଷ୍ଟାଣ୍ଡାର୍ଡ-୧
ଜୋଭେଲ ପବ୍ଲିକ ସ୍କୁଲ, ଶୈଳଶ୍ରୀ ବିହାର, ଭୁବନେଶ୍ୱର

# ନିଆଁରେ ତପସ୍ୟା



ଈଶ୍ୱରଙ୍କ ସତ୍ତା ରହିଛି କି ନା, ତାହା ଆଜି ବି ମଣିଷ ଅନୁସନ୍ଧାନ ଜାରି ରଖିଛି। ତେବେ ଈଶ୍ୱର କଣିକା ରହିଛି ବୋଲି ବିଜ୍ଞାନ ମତ ଦେଇଛି। ଏସବୁ ସତ୍ତ୍ୱେ କାହିଁ କେଉଁ ଆଦିମ କାଳରୁ ମଣିଷ ଭଗବାନଙ୍କ ଉପରେ



ବିଶ୍ୱାସ ରଖିଆସିଛି। ସୁଖଦୁଃଖରେ ମଣିଷକୁ ଭଗବାନ ସହାୟ ହୋଇଥାନ୍ତି ବୋଲି ମଧ୍ୟ ବିଶ୍ୱାସ। ଏମିତି ଅନେକ ଉଦାହରଣ ରହିଛି ଆମ ସମାଜରେ। ସମସ୍ତଙ୍କୁ ଜଣା ଯେ ଈଶ୍ୱରୀୟ ସତ୍ତା ସବୁବେଳେ ଅଦୃଶ୍ୟ। ଆମେ କେବଳ ତାଙ୍କ ପ୍ରତିମାକୁ ପୂଜା କରୁ। ତେଣୁ ଈଶ୍ୱରଙ୍କୁ ନେଇ ମଣିଷ ମନରେ ଯୁଗଯୁଗରୁ ରହିଛି ଜିଜ୍ଞାସା। ଆଉ ଏହି ଜିଜ୍ଞାସାକୁ ଦୂର କରିବା ପାଇଁ ଯେଉଁମାନଙ୍କର ସାହାରା ମଣିଷ ନେଇଥାଏ, ସେମାନେ ହେଉଛନ୍ତି ସାଧୁସନ୍ଥ ଓ ବାବା। ଆଉ ଏମାନେ ଅନେକ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଦାବି କରିଥାନ୍ତି। ତେବେ ଏମାନଙ୍କର ଏହି ଅଲୌକିକ ଶକ୍ତି ସବୁବେଳେ ମଣିଷ ମନରେ ରହସ୍ୟ ସୃଷ୍ଟି କରିଥାଏ। ସେମିତି ଜଣେ ବାବା ହେଉଛନ୍ତି ତାମିଲନାଡୁ ତାଞ୍ଜାଭୁରର ଯୋଗୀ ରମ୍ଭୁସ୍ୱାମୀ। ସେ ଜଳନ୍ତା ନିଆଁରେ ଶୋଇ ତପସ୍ୟା କରିଥାନ୍ତି ବୋଲି କୁହାଯାଏ। ବିଗତ ୪୫ ବର୍ଷ ଭିତରେ ସେ ପ୍ରାୟ ୧୦୦୦ ଥର ଅଗ୍ନି ତପସ୍ୟା କରିଛନ୍ତି। ତାଙ୍କର ଏପରି ଅଗ୍ନି ଉପାସନା ଆଜି ବି ରହସ୍ୟମୟ। ଏହା ଯଦିଓ ଆଶ୍ଚର୍ଯ୍ୟଜନକ ଓ ଅବିଶ୍ୱାସଯୋଗ୍ୟ, ତଥାପି ଅନେକ ଲୋକେ ବିଶ୍ୱାସ କରିଆସୁଛନ୍ତି। ତେବେ ଏଠାରେ ପ୍ରଶ୍ନଉଠେ ଯେ ଏ ସାଧୁଙ୍କର ଚର୍ମ କ'ଣ ଅନ୍ୟମାନଙ୍କ ଚର୍ମ ଅପେକ୍ଷା ଭିନ୍ନ? ଯଦି ହଁ, ତେବେ ଏହା କେମିତି ସମ୍ଭବ? ଏହା କ'ଣ ଦୈବୀକୃପା? କେହି କ'ଣ ଜଳନ୍ତା ନିଆଁରେ ଶୋଇପାରେ?

କେବଳ ଏତିକି ନୁହେଁ, ବରଂ ବାବାଙ୍କୁ ନେଇ ଆହୁରି ଅନେକ କଥା ବି ଶୁଣିବାକୁ ମିଳେ। ତାଙ୍କ ଶରୀରର ଓଜନ ମାତ୍ର ୪୩ କିଲୋଗ୍ରାମ୍। ଆଉ ବାବା ଦିନକୁ ଦୁଇଥର କେବଳ କିଛି ଜଳ ସହିତ ୧ ଗ୍ଲାସ୍ କ୍ଷୀର ଓ କଦଳୀ ଖାଇଥାନ୍ତି। ଏତଦ୍‌ବ୍ୟତୀତ ଅନ୍ୟ କୌଣସି ଜିନିଷ ସେ ସେବନ କରିନଥାନ୍ତି। ତେବେ କ୍ଷୀଣ ଶରୀରରେ ସେ ଅଗ୍ନିର ତେଜ କେମିତି ସହନ କରୁଛନ୍ତି ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଏମିତିକି ଅନେକ ଚର୍ଚ୍ଚା ପରେ କେହି କେହି ତାଙ୍କ ପିନ୍ଧା ବସନ କିମ୍ବା ତାଙ୍କ ଦେହରେ କିଛି କେମିକାଲ ବୋଳାଯାଇଥିବା ସନ୍ଦେହ କରିଥିଲେ। କିନ୍ତୁ ଏସବୁ ସନ୍ଦେହ ଆଜି ବି ରହସ୍ୟଘେରରେ। ପୁଣି ବାବା ୧୯୭୫ ମସିହାରୁ ପାଣି ପିଇବା ମଧ୍ୟ ଛାଡ଼ିଦେଇଛନ୍ତି। ହେ ଭଗବାନ! ଏହା କ'ର ସମ୍ଭବ? ଜରେ କେହି ମଣିଷ ପାଣି ନପିଇ ବଞ୍ଚିବା କ'ଣ ସମ୍ଭବ? ବିଜ୍ଞାନୀମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି କହିଥାନ୍ତି। କିନ୍ତୁ ସାଧାରଣ ଲୋକଟିଏ ପାଇଁ ଏହି ଘଟଣା ଅତ୍ୟନ୍ତ ରହସ୍ୟମୟ।

ଏମିତି ଆଉ ଜଣେ ଅଲୌକିକ ଶକ୍ତିଧାରୀ ସନ୍ଥ ହେଉଛନ୍ତି ବାବା ରାଜଦାସ। ତାଙ୍କ ରମ୍ଭୁସ୍ୱାମୀଙ୍କଠାରୁ ରାଜଦାସଙ୍କ କୀର୍ତ୍ତି କିଛି କମ୍ ନୁହେଁ। ଫଟୋକୁ ଦେଖିଲେ ନିଜ ଆଖିକୁ ବିଶ୍ୱାସ ହେଉନାହିଁ। କିନ୍ତୁ ଘଟଣାଟି ସତ। ପ୍ରଚଣ୍ଡ ରୌଦ୍ରରେ ବି ଅତି ନିକଟରେ ଅଗ୍ନି ଜାଳି ସାଧୁଜଣକ ଏଭଳି ବସିଛନ୍ତି ସତେ ଯେପରି ତାଙ୍କୁ କିଛି ବି କଷ୍ଟ ହେଉନାହିଁ! ସେ ହେଉଛନ୍ତି ହଟଯୋଗୀ ବାବା ରାଜଦାସ। ସେ ଏଭଳି ଅବସ୍ଥାକୁ ଆସିବା ପୂର୍ବରୁ ପ୍ରଥମେ ସ୍ନାନ କରିଥାନ୍ତି। ବାବା ହେଉଛନ୍ତି ଦେବଦେବ ମହାଦେବଙ୍କ ଜଣେ ପରମ ଭକ୍ତ। ତେଣୁ ତାଙ୍କ ପାଖରେ ଏକ ତ୍ରିଶୂଳ ସବୁବେଳେ ରହିଥାଏ। କେହି କେହି କହିଥାନ୍ତି ଯେ ବାବା ମହାଦେବଙ୍କ କୃପାରୁ ଏଭଳି ଚମତ୍କାର କରିପାରୁଛନ୍ତି। ଆଉ କେହି କେହି କୁହନ୍ତି ଏହା



ପଛରେ ବିଜ୍ଞାନ ଲୁଚି ରହିଛି। କାରଣ ଅନ୍ଧବିଶ୍ୱାସକୁ ବିଶ୍ୱାସ ରଖିପାରୁ ନଥିବା ଆମଭଳି ଲୋକଙ୍କ ପାଇଁ ଏହା ନିହାତି ଏକ ସାଧାରଣ ଘଟଣା। କିନ୍ତୁ ଯେଉଁମାନେ ଏଭଳି କଥାରେ ବିଶ୍ୱାସ ରଖନ୍ତି, ସେମାନଙ୍କ ପାଇଁ ନିହାତି ଏକ ରହସ୍ୟମୟ ଘଟଣା। ତେବେ ସାଧାରଣ ଲୋକଙ୍କ ପାଇଁ ଏହା ଏକ ବିରାଟ ଓ ରହସ୍ୟମୟ ଘଟଣା। ତେବେ ସାଧାରଣ ଲୋକଙ୍କ ମନରେ ଏଭଳି ଘଟଣା ନିହାତି ମହାଦେବଙ୍କ କୃପାରୁ ସମ୍ଭବ ବୋଲି ବିଶ୍ୱାସ କରାଯାଏ।

ପ୍ରଚଣ୍ଡ ରୌଦ୍ରତାପରେ ବି ବାବା ପ୍ରଥମେ ଚାରିପଟେ ନିଆଁ ସଂଯୋଗ କରନ୍ତି। ଆଉ ନିଆଁ ଚାରିଆଡ଼େ ବ୍ୟାପିଯିବା ପରେ ତା' ମଝିରେ ବାବା ଧ୍ୟାନମୁଦ୍ରାରେ ବସି ଯାଆନ୍ତି। ସତେ ଯେମିତି ସେ କେଉଁ ଜଙ୍ଗଲର ମଳୟ ବହୁଥିବା ଖୋଲା ଶୂନ୍‌ଶାନ୍ ସ୍ଥାନରେ ବସିଛନ୍ତି। କିଛି ବି କଷ୍ଟ ଲାଗୁନି ତାଙ୍କୁ। ଏମିତିକି ନିଆଁ ଉପରେ ଶୋଇଯାଉଛନ୍ତି ମଧ୍ୟ। କିନ୍ତୁ ଆଶ୍ଚର୍ଯ୍ୟର କଥା କିଛି ସମୟ ପରେ ବାବା ଧୀରେ ଧୀରେ ଉଠିଆସନ୍ତି ଧ୍ୟାନରୁ ଆଉ ପ୍ରଣାମ କରନ୍ତି। ଏସବୁ ଦେଖିବା ପରେ ଯେ କେହି ବି ଆଶ୍ଚର୍ଯ୍ୟ ଚକିତ ହୋଇଯିବ।

ଆମ ସମାଜରେ ପ୍ରଚଳିତ ରହିଛି ଅନେକ ପ୍ରଥା ପରମ୍ପରା। ଏସବୁ ପରମ୍ପରାକୁ ଆମେ ରହସ୍ୟମୟ ମଧ୍ୟ କହିପାରିବା। ଆଉ ଶିକ୍ଷିତ ସମାଜ ଏହାକୁ ଅନ୍ଧବିଶ୍ୱାସ ବୋଲି ଗ୍ରହଣ କରିନେଇଥିଲେ ମଧ୍ୟ ଏଭଳି ପ୍ରଥା ବନ୍ଦ ହେବାର ନାଁ ବି ନେଉନାହିଁ। ଯେମିତି ଶ୍ରାବଣ ମାସରେ ଶହ ଶହ ମାଇଲ ବାଟ ଚାଲି କାଉଡ଼ିଆମାନେ ଦେବଦେବ ମହାଦେବଙ୍କ ମଥାରେ ଜଳଲାଗି କରିଥାନ୍ତି। ସେମାନଙ୍କର ଧାରଣା ଯେ କଷ୍ଟ କଲେ ଦେବଦେବ ମହାଦେବ ପ୍ରସନ୍ନ ହୁଅନ୍ତି ଓ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ସେହିଭଳି ଓଡ଼ିଶାରେ ଝାମୁଯାତ୍ରା ଓ ଦଣ୍ଡଯାତ୍ରା ସମୟରେ ଅନେକ ବ୍ରତଧାରୀ ନିଆଁରେ ଚାଲି, କଣ୍ଟାରେ ଗଡ଼ି, ଦେହରେ କଣ୍ଟା ଫୋଡ଼ି ଉପାସନା କରିଥାନ୍ତି। ରମ୍ଭୁସ୍ୱାମୀ ଓ ରାଜଦାସଙ୍କ ଧ୍ୟାନ ଭଳି ଓଡ଼ିଶାର ଝାମୁଯାତ୍ରା ବି କିଛି କମ୍ ନୁହେଁ। ରଡ଼ନିଆଁ ଉପରେ ଚାଲିଥାନ୍ତି କାଳିସୀ ଓ ବ୍ରତଧାରୀମାନେ। ହଳଦୀପାଣିରେ ଗୋଡ଼ ବୁଡ଼ାଇ ନିଜ ଉପାସ୍ୟ ଦେବତାଙ୍କୁ ଧ୍ୟାନକରି ନିଆଁରେ ଚାଲିଥାନ୍ତି। ଯଦି ଟିକିଏ ଗାଢ଼େଇ ଚିନ୍ତା କରାଯାଏ, ତେବେ ସାମାନ୍ୟ ଗରମ ଚା' ପିଇବା ବେଳେ ଯଦି ଜିଭ ଫୋଟକା ହୋଇଯାଉଛି, ତେବେ ଏତେ କଷ୍ଟକୁ ସେମାନେ ସହୁଛନ୍ତି କିପରି? ଏହା କ'ଣ ଦୈବୀକୃପା? ଦିଅଁ ଦେବତାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷ ଏଭଳି କଠୋର ଉପାସନାକୁ ବିଶ୍ୱାସ କରନ୍ତି, ହୁଏତ ଆମ ପାଇଁ ଏହା ଅନ୍ଧବିଶ୍ୱାସ ହୋଇପାରେ, କିନ୍ତୁ ସାଧାରଣ ମଣିଷର ମନର କେଉଁ ଅଦେଖା କୋଣରେ ନିହାତି ଏଭଳି ଉପାସନାକୁ ନେଇ ରହସ୍ୟ ଲୁଚି ରହିଥିବ। ଏଭଳି ଘଟଣା ଆମ ସମାଜରେ ଆଜି ନୁହେଁ, ବରଂ ବର୍ଷ ବର୍ଷ ଧରି ଚାଲିଆସୁଛି। ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରି ମଣିଷ ଏଭଳି କରିଚାଲିଛି। ତେବେ ନିଆଁ ଚାଲିବା ଓ ନିଜ ଶରୀରକୁ କଷ୍ଟ ଦେଇ କ'ଣ ଭାଗବାନଙ୍କୁ ସନ୍ତୁଷ୍ଟ କରିହୁଏ? ଏ ପ୍ରଶ୍ନ ଆମ ମନରେ ରହିଛି। ଆମେ ଏ କଥାକୁ ଅନ୍ଧବିଶ୍ୱାସ କହି ଏଡାଇଯାଇ ପାରିବା। କିନ୍ତୁ ସାଧାରଣ ଜନତା ଏକଥାକୁ ଏବେ ବି ନିଜ ମନ ଭିତରେ ଜାବୁଡ଼ି ଧରି ରଖିଛନ୍ତି।

ପଞ୍ଜାବର ଚଣ୍ଡିଗଡ଼ ସହରଠାରୁ ପ୍ରାୟ ୫୦ କିଲୋମିଟର ଗଲା ପରେ ୨୧ ନମ୍ବର ଜାତୀୟରାଜପଥରେ ପଡ଼େ ଏକ ମନ୍ଦିର। ଆଉ ଏହି ମନ୍ଦିରକୁ ଗଲେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ମନ୍ଦିରରେ କୌଣସି ଦେବତା ନୁହେଁ, ଏଠାରେ ପୂଜା ପାଆନ୍ତି ଗୋଟିଏ ବୁଲେଟ୍ ଗାଡ଼ି। ଶୁଣିଲେ ନିହାତି ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ହଁ ଯେ କେହି ବି ଏହି ମନ୍ଦିରକୁ ଯାଆନ୍ତି ସେମାନେ ଏହି ବୁଲେଟ୍ ମୋଟର ସାଇକେଲକୁ ପୂଜା କରନ୍ତି। ଆଉ ସମସ୍ତଙ୍କ ମୁହଁରେ ଥାଏ ବୁଲେଟ ବାବାଙ୍କ ଅଲୌକିକତା। ଏହାକୁ ଆମେ ନିହାତି ଭାବିବା ଏହା ଏକ ଅନ୍ଧବିଶ୍ୱାସ। ହେଲେ ଯେଉଁମାନେ ବୁଲେଟ ବାବାଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ସେ ହେଉଛନ୍ତି ବାବା। ବୁଲେଟ ବାବାଙ୍କୁ ଯାତ୍ରାର ମଙ୍ଗଳ କାମନା କରି ପୂଜା କରାଯାଇଥାଏ। ଆଉ ଏହି ରହସ୍ୟମୟ ବୁଲେଟ ବାବାଙ୍କୁ ନେଇ ରହିଛି ଅନେକ କାହାଣୀ। ଯାହା ତାଙ୍କର ରହସ୍ୟମୟ ଉପସ୍ଥିତିକୁ ଅଧିକ ରହସ୍ୟମୟ କରୁଛି। କୁହାଯାଏ ୧୯୮୮ ମସିହା ଡିସେମ୍ବର ୨ ତାରିଖରେ ଓମ୍ ସିଂ ରାଠୋର ନାମକ ଜଣେ ବ୍ୟକ୍ତି ଏହି ରାସ୍ତା ଦେଇ ଯିବା ସମୟରେ ତାଙ୍କର ଦୁର୍ଘଟଣା ହୋଇଥିଲା। ଆଉ ସେହି ସ୍ଥାନରେ ହିଁ ଓମ୍ ସିଂ ମୃତ୍ୟୁବରଣ କରିଥିଲେ ଆଉ ସେ ଚଲାଉଥିବା ବୁଲେଟ ମୋଟର ସାଇକେଲକୁ ତା' ପରଦିନ ସକାଳେ ପୋଲିସ ଉଦ୍ଧାର କରିଥିଲା। ଆଉ ଥାନାକୁ ନେଇଥିଲେ। ହେଲେ ହଠାତ୍ ତା' ପରଦିନ ଥାନାରୁ ବୁଲେଟ୍ ମୋଟର ସାଇକେଲଟି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଆଉ ଦେଖିଲା ବେଳକୁ ବୁଲେଟ ମୋଟର ସାଇକେଲଟି ଯେଉଁ ସ୍ଥାନରୁ ପୋଲିସ ଉଦ୍ଧାର କରିଥିଲା, ସେହି ସ୍ଥାନରେ ହିଁ ରହିଛି। କେତେ ଅଦ୍ଭୁତ କଥା। ଏହା ଥରେ ନୁହେଁ, ଏପରି ଅନେକ ଥର ହୋଇଥିଲା। କିଭଳି ଏହା ସମ୍ଭବ ହେଲା? ଏହାକୁ ନେଇ ଚାଲିଲା ଚର୍ଚ୍ଚା ଆଉ ଶେଷରେ ସ୍ଥାନୀୟ ବାସିନ୍ଦାମାନେ ଅନୁଭବ କଲେ ଯେ ଏହା ମୃତ୍ୟୁବରଣ କରିଥିବା ଓମ୍ ସିଂଙ୍କର ଅଲୌକିକତା। ଆଉ ସେହିଦିନଠାରୁ ତାଙ୍କ ବୁଲେଟ ମୋଟର ସାଇକେଲକୁ ପୂଜା କରିବା ଆରମ୍ଭ କରିଥିଲେ। ଆଉ ବାବାଙ୍କ ନାଁ ରହିଲା ଓମ୍ ବାନା। ଏହା ଯେହେତୁ ୨୧ ନମ୍ବର ଜାତୀୟ ରାଜପଥ ନିକଟରେ ରହିଛି, ତେଣୁ ଏହି ରାସ୍ତା ଦେଇ ଯାଉଥିବା ଗାଡ଼ିମୋଟରଗୁଡ଼ିକ ଏଠାରେ ଅଟକି ଓମ୍ ବାନାଙ୍କୁ ପୂଜା କରିଥାନ୍ତି ଓ ନିଜ ଯାତ୍ରାରେ ଆଗକୁ ବଢ଼ିଥାନ୍ତି। ଏପରି ବିଶ୍ୱାସ ମଧ୍ୟ ରହିଛି ଯେ ଯଦି ଏହି ରାସ୍ତା ଦେଇ ଯାଉଥିବା କେହି ଏଠାରେ ଅଟକି ନଥାନ୍ତି, ତେବେ ତାଙ୍କ ଯାତ୍ରା ଅମଙ୍ଗଳ ହୋଇଥାଏ। ତେଣୁ ବୁଲେଟ୍ ବାବାଙ୍କ ମନ୍ଦିର ସେ ଅଞ୍ଚଳରେ ଖୁବ୍ ଖ୍ୟାତି ରହିଛି। ଆଉ ବିଜ୍ଞାନୀ ଓ ଶିକ୍ଷିତ ମନ ଏହାକୁ ଏକ ଅନ୍ଧବିଶ୍ୱାସୀ କହୁଥିଲେ ମଧ୍ୟ ଏହି ଲୋକବିଶ୍ୱାସ ରହସ୍ୟ ଭିତରେ ହିଁ ରହିଛି।





ଉପସ୍ଥାପନା
ଜାହ୍ନବୀସୁତ



# ଜୁଲାଇ ୬ରୁ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ

**ଭୁବନେଶ୍ୱର :** ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି ବିଜେପିର ରାଜ୍ୟ ପଦାଧିକାର ବୈଠକ। ବୈଠକରେ ଦଳର ସାଙ୍ଗଠନିକ ପୁନର୍ନ୍ନବିନ୍ୟାସ ବିଷୟରେ ଆଲୋଚନା ହେବା ସହ ଅନେକ ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଦଳର ନିଷ୍ପତି ଅନୁସାରେ ଆସନ୍ତା ଜୁଲାଇ ୬ ତାରିଖଠାରୁ ଦଳର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ସଭ୍ୟ ସଂଗ୍ରହ ଅଭିଯାନ ପରେ ସଦସ୍ୟତା ଆଧାରରେ ଦଳର ପୁର୍ନବିନ୍ୟାସ ହେବା ସହ ନୂତନ ଦାୟିତ୍ୱ ବଣ୍ଟନ କରାଯିବ। ପ୍ରତି ବୁଥ ସ୍ତର ଠାରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସବୁଠାରେ ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବା ଦିଗରେ ବୈଠକରେ ଆଲୋଚନା ହୋଇଥିଲା ବୋଲି ବିଜେପି ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ବାତ୍ୟା ଫନି ପରେ ରାଜ୍ୟସରକାର ବାତ୍ୟା ପ୍ରପୀଡିତଙ୍କୁ ଥଇଥାନ କରାଇବାରେ ସଂପୂର୍ଣ୍ଣରୂପେ ବିଫଳ ହୋଇଛନ୍ତି । ବିଦ୍ୟୁତ, ପିଇବା ପାଣି, ପଲିଥିନ, ଶୁଖିଲା ଖାଦ୍ୟ ଏବଂ ଦରକାରୀ ଔଷଧ ଯୋଗାଇବାରେ ରାଜ୍ୟସରକାର ଫେଲ୍ ମାରିଛନ୍ତି। ଅନ୍ୟପଟେ ରାଜ୍ୟରେ ଧାନ କିଣା ବିକାରେ ବ୍ୟାପକ ଅନିୟମିତତା ହେଉଥିବା କଥା ବୈଠକରେ ଆଲୋଚନା ହୋଇଥିଲା। ମିଲର୍ସମାନେ ମନମୁଖି କାରବାର କରୁଥିବା ବେଳେ ସରକାରଙ୍କର ମନ୍ତ୍ରୀ ଅଫିସରମାନେ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି। ଆଜିବି ଅନେକ ମଣ୍ଡିରେ ଧାନ ଉଠିନାହିଁ। ଆଉ ଦିନ କେଇଟା ପରେ ବର୍ଷା ଆରମ୍ଭ ହୋଇଯିବ। ସେହିପରି ଅନେକ ସ୍ଥାନରେ ଚାଷି ଧାନ ବିକିସାରିବାର ମାସ ମାସ ବିତିଗଲାପରେ ପଇସା ମିଳିନାହିଁ। ଏହା ଉପରେ ସରକାର ତୁରନ୍ତ ଧ୍ୟାନ ଦେବା ପାଇଁ ଦାବି କରାଯାଇଥିଲା। ଦିନକୁ ଦିନ ରାଜ୍ୟରେ ନିର୍ବାଚନୀ ପରବର୍ତ୍ତୀ ହିଂସା ବଢିବାରେ ଲାଗିଛି। ଶାସକ ଦଳ ରକ୍ତମୁଖା ସାଜିଛି। ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡାର ପଂଚାୟତର ପୂର୍ବତନ ସରପଞ୍ଚଙ୍କ ପୁଅ ସୁଶାନ୍ତ ନାୟକଙ୍କୁ ହତ୍ୟା କରାଯାଇଛି। ସେହିପରି ଗତ କିଛି ଦିନ ତଳେ ନବରଙ୍ଗପୁର କୋଡିଙ୍ଗାରେ ଜଣେ ବୃଦ୍ଧଙ୍କୁ କୁକୁଡା ଖେଳ ଭଳି ଛୋଟିଆ ଅପରାଧିକ ଘଟଣା ସନ୍ଦେହରେ ପୋଲିସ ହାଜତକୁ ନେଇ ଅଟକ ରଖିଥିବା ବେଳେ ତାଙ୍କୁ ମାଡ ମାରିଥିଲା। ସେଥିରେ ସେହି ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ପୋଲିସର ଏହି ବର୍ବରତା ଅତ୍ୟନ୍ତ ନିନ୍ଦନିୟ ଓ ଇବୟଙ ଗ୍ରହଣୀୟ ନୁହେଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ମୃତ୍ୟୁ ଗୋବର୍ଦ୍ଧନଙ୍କ ପରିବାରକୁ କ୍ଷତି ପୁରଣ ଭାବେ ୨୦ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରାଯାଇଛି। ପାଟଣାଗଡର ବିଜେଡି ବିଧାୟକ ସରୋଜ ମେହେର ଜଣେ ସରକାରି ଇଂଜିନିୟରଙ୍କୁ ରାଜରାସ୍ତାରେ ଉଠ ବସ କରାଇବା ଘଟଣାରେ ଥାନାରେ ମାମଲା ରୁଜୁ ହୋଇଥିବା ସତ୍ତ୍ୱେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଚୁପ ବସିଛି। ସେହିପରି ବିଜେଡି ସାଂସଦ ଅନୁଭବ ମହାନ୍ତିଙ୍କ ବିରୋଧରେ ଜଣେ ମହିଳା ଅସଦାଚରଣ ଅଭିଯୋଗ ଉପରେ ବି ପୋଲିସ ନିରବ। ସରକାରି ଦଳର ନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ସାଧାରଣ ଜନତାଙ୍କ ପ୍ରତି ଏପରି ଆଚରଣକୁ ଆଜିର ରାଜ୍ୟ ପଦାଧିକାରୀ ବୈଠକରେ ନିନ୍ଦା କରାଯିବା ସହ ପୋଲିସର ନିରବତା ଉପରେ ପ୍ରଶ୍ନ ଉଠାଇଛି। ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ଆଜିର ଏହି ପଦାଧୀକାରି ବୈଠକରେ ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, ଗିରିଧାରି ଗମାଙ୍ଗୋ, ସାଧାରଣ ସମ୍ପାଦକ ପୃଥିରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ (ସଙ୍ଗଠନ) ମାନଓ ମହାନ୍ତି, ସହ ସଙ୍ଗଠନ ସାଧାରଣ ସମ୍ପାଦକ ଅମିତାଭ ଚର୍କବର୍ତ୍ତି, ସଦସ୍ୟତା ପ୍ରଭାରି ଅନନ୍ତ ନାୟକ, ସହ ପ୍ରଭାରି ସାରଦା ପ୍ରସାଦ ଶତପଥୀ ଓ ରାଜ୍ୟର ସମସ୍ତ ପଦାଧିକାରିମାନେ ଯୋଗ ଦେଇଥିଲେ।



# ଆଧ୍ୟାତ୍ମିକତାର ପବିତ୍ର କ୍ଷେତ୍ର ଦଧିମାଛଗାଡିଆର ଶ୍ରୀଜଗନ୍ନାଥ ମନ୍ଦିର





ଦାରୁକ୍ଷେତ୍ର ଭାବେ ପରିଚିତ ଖୋର୍ଦ୍ଧା ଜିଲ୍ଲା ଦଧିମାଛଗାଡିଆ ଗ୍ରାମ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ। ଏହି ପବିତ୍ର ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଯାଇ ଶ୍ରୀଦାରୁବ୍ରହ୍ମଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ପ୍ରତିଦିନ ଏହି କ୍ଷେତ୍ରକୁ ଅସଂଖ୍ୟ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥାନ୍ତି। ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପ୍ରଚଳିତ ନୀତିକାନ୍ତି ଅନୁସାରେ ଏଠାରେ ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଏ। ଚନ୍ଦନ ଯାତ୍ରା ଠାରୁ ଆରମ୍ଭ କରି ରଥଯାତ୍ରା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଏହି କ୍ଷେତ୍ରର ମହାତ୍ମ୍ୟ ବୃଦ୍ଧି କରିଛି। ପ୍ରତିବର୍ଷ ଏଠାରେ ବିଶ୍ୱଶାନ୍ତି ମହଯଜ୍ଞର ଆୟୋଜନ ହୋଇଥାଏ। ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ତରଫରୁ ବର୍ଷ ତମାମ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଉଛି। ଚଳିତବର୍ଷ ଅନୁଷ୍ଠାନର ବାର୍ଷିକ ଉତ୍ସବ ସହିତ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିବା ସହିତ ସଂଗଠନ ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ପତ୍ରିକା 'ଦାରୁ ଦେବତା'କୁ ଉନ୍ମୋଚନ କରିଥିଲେ। ଏଥିସହିତ ରାଜ୍ୟପାଳ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସାଧୁସନ୍ଥଙ୍କ ନିମନ୍ତେ ନିର୍ମାଣ କରାଯାଇଥିବା 'ସନ୍ଥ ନିବାସ'କୁ ଉଦ୍‌ଘାଟନ କରିଥିଲେ। ମହନ୍ତ ସନ୍ଥଦାସଜୀ ମହାରାଜ, ବାବାଜୀ ପରମେଶ୍ୱର ଦାସଜୀ ମହରାଜ ଶ୍ରୀ ରାମଚରିତ ମାନସ ପାଠ କରିଥିଲେ। ଜଗତସିଂହପୁର ଜିଲ୍ଲା ଶ୍ରୀରାମ କୃପା ପରିଷଦ ପକ୍ଷରୁ ୧୦୮ଥର ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଅବସରରେ ଗାୟକ ଗୁଣନିଧି ସାମନ୍ତସିଂହାର ଓ ସାଥୀମାନଙ୍କ ଦ୍ୱାରା ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରତ୍ୟହ ସଂଧ୍ୟାରେ ପ୍ରେମସାଗର ବାବା ସନ୍ଥ ଅରକ୍ଷିତ ଦାସଜୀ ମାଳିକା ଉପରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆଶ୍ରୀବଚନ ଶ୍ରବଣ କରାଇଥିଲେ। ସାଇ ସାଗର ଭଜନ ସଂଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଶ୍ରୀ ରଘୁନାଥ ଦେବଙ୍କ ନାଟ୍ୟ ସଂସଦ ଗୋଳବାଇ ଗ୍ରାମ ପକ୍ଷରୁ ଶ୍ରୀ ରାମଲୀଳା ନାଟକ ପରିବେଷଣ କରାଯାଇଥିଲା। ଏହି ଅନୁଷ୍ଠାନର ବିଶେଷ ଆକର୍ଷଣ ଥିଲା ଉଡନ୍ତା ଶ୍ରୀ ହନୁମାନ। ପ୍ରତିଦିନ ପଣ୍ଡିତ ମହାଦେବ ରଥ ଓ ସାଥୀମାନଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞକୁ ପରିଚାଳନା କରିଥିଲେ। କଳସ ଯାତ୍ରା ଦିବସରେ ଚନ୍ଦନପୁର ନିକଟସ୍ଥ ନାୟକ ପାଟଣା ଗାଁର ଗୋପୀନାଥ ଦେବ ଘଣ୍ଟ ମାର୍ଦ୍ଦଳ ସଂଘ ସାଥୀମାନଙ୍କ ଦ୍ୱାରା ଘଟ ତାଳେ ତାଳେ ବାଦନ କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଶେଷରେ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଡ.ଧୀରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଦାରୁ କ୍ଷେତ୍ରରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଦାରୁକ୍ଷେତ୍ରର ଦାରୁ ରକ୍ଷକ ତଥା ଅଧ୍ୟକ୍ଷ ସମାଜସେବୀ ମାନସ ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ନୃସିଂହ ପଟ୍ଟନାୟକ, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ମଧୁସୁଦନ ବିଶ୍ୱାଳ, ସାଧୁଚରଣ ପଟ୍ଟନାୟକ, ସହଦେବ ପ୍ରଧାନ, ଭୁବନ ବିହାରୀ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଭକ୍ତ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଜଗନ୍ନାଥ ଭକ୍ତମାନେ ଯୋଗଦାନ କରିଥିଲେ।

## 'ନିରନ୍ତର ପ୍ରୟାସ ହିଁ ସଫଳତାର ମୂଳମନ୍ତ୍ର'



ଦଧିମାଛଗାଡିଆ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ଦାରୁର ସନ୍ଧାନ ମିଳିବା ପରେ ଏଠାରୁ ଶ୍ରୀକ୍ଷେତ୍ରକୁ ଶ୍ରୀଜୀଉଙ୍କ ଦାରୁ ଯାଇଥିଲେ। ଏହା ପରଠାରୁ ଦଧିମାଛ ଗାଡିଆରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଚାଲିଛି। ଏଠାରେ ମନ୍ଦିର ପ୍ରତିଷ୍ଠାର ମୁଖ୍ୟ ପୁରୋଧା ଭାବେ ମାନସ ରଞ୍ଜନ ପଟ୍ଟନାୟକ ସମସ୍ତ ଦାୟିତ୍ୱ ବହନ କରି ଅଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ଉଦ୍ୟମରେ ଏହି ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିଛି। ତାଙ୍କର ନିରାଡମ୍ବର ଜୀବନଶୈଳୀ ଏବଂ ତ୍ୟାଗପୂତ ଭାବନା ଦ୍ୱାରା ଏ ଅଞ୍ଚଳରେ ଅନେକ ବିକାଶ ସାଧିତ ହୋଇଛି। ସ୍ଥାନୀୟ ହାଇସ୍କୁଲ ପରିଚାଳନା କମିଟିର କାର୍ଯ୍ୟକାରୀ ହେବା ସହିତ ଗ୍ରାମ୍ୟ କମିଟିର ମୁଖ୍ୟ ଉପଦେଷ୍ଟା ଭାବେ ତାଙ୍କର ପରାମର୍ଶକୁ ସମସ୍ତେ ଗ୍ରହଣ କରୁଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ନିରନ୍ତର ପ୍ରୟାସ ହିଁ ସଫଳତାର ମୂଳମନ୍ତ୍ର। ସବୁବେଳେ ଅନ୍ୟ ପାଇଁ ସହଯୋଗର ହାତ ବଢ଼ାଉଥିବା ଶ୍ରୀ ପଟ୍ଟନାୟକଙ୍କ ଜୀବନଶୈଳୀ ଅତ୍ୟନ୍ତ ସାଧାସିଧା। ସେ ବେଶ୍ ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟନିଷ୍ଠ। ସମାଜର ଉନ୍ନତି ପାଇଁ ଯେକୌଣସି କାର୍ଯ୍ୟ ହାତକୁ ନେଲେ ସେ ମନପ୍ରାଣ ଦେଇ କାର୍ଯ୍ୟ କରିବା ସହିତ ଏଥିରେ ଶତପ୍ରତିଶତ ସଫଳତା ପାଇଁ ଉଦ୍ୟମ କରିଥାନ୍ତି। ସରକାରୀ ଚାକିରିରେ ଥାଇ ସୁଦ୍ଧା ଜଣେ ସମାଜ ସଂସ୍କାରକର ଭୂମିକାରେ ଅବତୀର୍ଣ୍ଣ ଶ୍ରୀ ପଟ୍ଟନାୟକ ବିଭିନ୍ନ ଅନୁଷ୍ଠାନର ପୃଷ୍ଠପୋଷକତା କରୁଛନ୍ତି। ଅସୁବିଧାରେ ପଡିଥିବା ଲୋକଙ୍କୁ ନିଜର ସାମର୍ଥ୍ୟ ଅନୁସାରେ ସହଯୋଗ ଦେଇ ସମସ୍ତଙ୍କର ସେ ପ୍ରିୟପାତ୍ର। ଅତ୍ୟନ୍ତ ସ୍ନେହୀ ମାନସ ରଞ୍ଜନ ୧୯୫୩ ମସିହା ମେ' ମାସ ୧୨ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଦଧିମାଛ ଗାଡିଆରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ପ୍ରସନ୍ନ କୁମାର ପଟ୍ଟନାୟକ ଓ ମାତାଙ୍କ ନାମ ସତ୍ୟଭାମା ପଟ୍ଟନାୟକ। ମାନସ ରଞ୍ଜନ ୧୯୬୯ରେ ଦଧିମାଛ ଗାଡିଆରୁ ହାଇସ୍କୁଲରେ ମାଟ୍ରିକ ଏବଂ ୧୯୭୩ରେ ନୟାଗଡ ମହାବିଦ୍ୟାଳୟରୁ ବିଏ ପାସ କରିଥିଲେ। ଏହାପରେ ସେ ସରକାରୀ ଚାକିରିରେ ନିଯୁକ୍ତି ପାଇ ରେଜିଷ୍ଟ୍ରେସନ ବିଭାଗରେ କାର୍ଯ୍ୟ କରି ଆସୁଛନ୍ତି। ଶ୍ରୀଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ ଶ୍ରୀ ପଟ୍ଟନାୟକ ଦଧିମାଛ ଗାଡିଆରେ ଦାରୁର ସନ୍ଧାନ ପରେ ଅତ୍ୟନ୍ତ ଭାବପ୍ରବଣ ହୋଇଯାଇଥିଲେ। ତାଙ୍କ ମନରେ ନିଜ ଗ୍ରାମରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ଭାବନା ଜାଗ୍ରତ ହୋଇଥିଲା। ଏହା ପରଠୁ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ପାଇଁ ସେ ଲାଗି ପଡିଥିଲେ। ସେବେଠାରୁ ଗ୍ରାମ୍ୟ କମିଟିର ସହଯୋଗରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନେକ ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଆସୁଛି। କେବଳ ନିଜ ଗାଁ ନୁହେଁ ଭୁବନେଶ୍ୱର ଭୀମଟାଙ୍ଗି ଅଞ୍ଚଳରେ ଥିବା ଭୀମେଶ୍ୱର ମନ୍ଦିର ପରିଚାଳନା ସମିତିର ସେ ମଧ୍ୟ କାର୍ଯ୍ୟକାରୀ ସଭାପତି। ଏଥିସହିତ ଭୀମଟାଙ୍ଗି ଉନ୍ନୟନ ପରିଷଦର ଉପସଭାପତି, ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସମ୍ପାଦକ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁଅଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଶ୍ରୀମଦ୍ ଭାଗବତ ପାରାୟଣ, ଶ୍ରୀରାମଚରିତ ମାନସ ଭଳି ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରି ନିଜର ଧର୍ମୀୟ ଭାବନାକୁ ଉଦ୍‌ଜୀବିତ କରିଛନ୍ତି। ବିଶ୍ୱସ୍ତରରେ ଶ୍ରୀଜଗନ୍ନାଥ ଚେତନାକୁ ପହଞ୍ଚାଇବା ସହିତ ଦଧିମାଛ ଗାଡିଆର ଶ୍ରୀଜଗନ୍ନାଥ ମନ୍ଦିରକୁ ପରିଚିତ କରାଇବା ପାଇଁ ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

# ମିରାକ୍‌ଲ ପକ୍ଷରୁ ଓଡ଼ିଆ ସ୍ୱାଭିମାନ ଓ ପରମ୍ପରାର ପ୍ରତୀକ ରଜ ଉତ୍ସବ



**ଭୁବନେଶ୍ୱର :** ଓଡ଼ିଶାରେ ମୌସୁମୀର ଆଗମନ ଓ ଧରିତ୍ରୀ ମାତାର ରଜସ୍ୱଳା ଦିବସକୁ ନେଇ ରଜ ପର୍ବର ପରିକଳ୍ପନା କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସିଛି। ମିଥୁନ ସଂକ୍ରାନ୍ତିର ମହାମୈଥୁନ ଲଗ୍ନରେ ତ୍ରିଦିବସୀୟ ଉତ୍ସବ ଭାବେ ଏହା ପାଳିତ ହେଉଛି। ଗାଁ ଠୁ ସହର ପର୍ଯ୍ୟନ୍ତ ଅଶିକ୍ଷିତଙ୍କ ଠାରୁ ଶିକ୍ଷିତଙ୍କ ପର୍ଯ୍ୟନ୍ତ ଏହି ପର୍ବକୁ ପାଳନ କରି ଓଡ଼ିଆ ଅସ୍ମିତାର ସ୍ୱାକ୍ଷର ଉଜ୍ଜୀବିତ କରିବା ଭିତରେ ଆମର ଭାତୃତ୍ୱ ଓ ପରମ୍ପରାର ଶ୍ରେଷ୍ଠତ୍ୱ ପ୍ରମାଣିତ ହୋଇଥାଏ। ରଜ ହିଁ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ଚିତ୍ତବିନୋଦନର ମହାପର୍ବ ଅବସରରେ ମିରାକ୍‌ଲ ସାଂସ୍କୃତିକ ସଂଗଠନ ପକ୍ଷରୁ ସ୍ଥାନୀୟ ଭଞ୍ଜ କଳାମଣ୍ଡପରେ ରଜ ଉତ୍ସବ-୨୦୧୯ ପାଳିତ ହୋଇଯାଇଛି। ଏହି ମହାନ ସାଂସ୍କୃତିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସହଦେବ ସାହୁ। କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷା ତଥା ନାଲ୍‌କୋ ମହିଳା ସମିତିର ସଭାନେତ୍ରୀ ପ୍ରୀତିରୟ ଚାନ୍ଦ, ପୂର୍ବତଟ ରେଳବାଇର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଏବଂ ଡିପିସି ନିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ମହିଳା ଓ ଶିଶୁ ପ୍ରତିଭାମାନେ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହିତ ସମ୍ମାନିତ ହୋଇଥିଲେ। ଓଡ଼ିଆ ମାନଙ୍କ ପାରମ୍ପରିକ କ୍ରୀଡ଼ା, ସଙ୍ଗୀତ ଓ



ନୃତ୍ୟ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି ଓ ଜାତୀୟତାକୁ ପରିପ୍ରକାଶ କରାଯାଇଥିଲା। ମିରାକ୍‌ଲର ମୁଖ୍ୟ ପ୍ରିୟଙ୍କା ନାୟକ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଉଦ୍ୟମ କରିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଚିତ୍ରକଳା, ସଙ୍ଗୀତ, ଫ୍ୟାସନ୍ ସୋ', ମମ୍‌ସ ଡ୍ୟାନ୍ସ, ପାରମ୍ପରିକ ପୋଷାକ, ରଜପାନ ପ୍ରତିଯୋଗିତା ଓ ଆଉଟ୍‌ଡୋର ରଜ ସ୍ପେଶାଲ ଭଳି କାର୍ଯ୍ୟକ୍ରମରେ ବହୁ ପ୍ରତିଭାବାନ ମହିଳା ଏବଂ ବାଳିକା ଅଂଶଗ୍ରହଣ କରିଥିଲେ। ଲୋକକଳା ଓ ଲୋକନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଏହି ଅବସରରେ ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ଅଭିନେତ୍ରୀ ତ୍ରିପୁରା ମିଶ୍ର, ପୁନମ ମିଶ୍ର, ଏଲି ପାଢ଼ୀ, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, ମ୍ୟାଜିସିଆନ ରିଶିତା ସାମନ୍ତରାୟ, ସଙ୍ଗୀତଜ୍ଞ ଦେବାଶିଷ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ତଥା ଏକମାତ୍ର ସମ୍ପାଦକ ତାରକ ମହାନ୍ତି, ନାଲ୍‌କୋ ଡିଜିଏମ୍ ଚିତ୍ତରଞ୍ଜନ ସାହୁ, ସାମ୍ବାଦିକ ପୁର୍ଣ୍ଣେନ୍ଦୁ ପଟ୍ଟନାୟକ, ଜିଗ୍‌ମା ମୁଖ୍ୟ ପୁଷ୍ପିତା ଦାଶ, ହଲ୍‌ମାର୍କର ବିଶ୍ୱଚେତନ ମିଶ୍ର, ଅଶ୍ୱିନୀ ଦାଶ, ମୋନିକା ପଟ୍ଟନାୟକ ଓ ଅମ୍ଳାନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ବିଚାରକ ଭାବେ ବିଶ୍ୱରୂପ ମିଶ୍ର, ପୂଜା ମହାପାତ୍ର, ସୁଧିର କୁମାର ପାଲ, ଡକ୍ଟର ରାଜଲକ୍ଷ୍ମୀ ବେହେରା, ଅମ୍ରିତା ମିଶ୍ର, ସୋବିତା ନିୟୋଗୀ, ଅରିହୁନା ଲେଙ୍କା, ପ୍ରମୋଦ ରାଉତ ଓ ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ଉପସ୍ଥିତ ଦର୍ଶକ ରଜ ଉତ୍ସବର ଭରପୂର ମଜା ଉଠାଇଥିଲେ। 'ଏକମାତ୍ର' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଥିଲା।





















Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି